ସକାଳ THE SAKALA



www.sakalaepaper.com

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ

# ବିଜେଡି ଗଡ଼ରେ ସୁଶାନ୍ତଙ୍କ ହ୍ୟାଟ୍ରିକ୍ ଲକ୍ଷ୍ୟ

**ଛେଣ୍ଡିପଦା, ୧୧।୪(ସମିସ)**

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ରାଜ୍ୟ ରାଜନୀତିରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ୨୦୦୯ ମସିହାରେ ଏହି ନିର୍ବାଚନ ମଣ୍ଡଳୀ ପ୍ରଥମ କରି ଗଠିତ ହୋଇଥିଲା। ୨୦୦୯ ମସିହାରୁ ତିନି ତିନି ଥର ଏହି ଆସନରେ ବିଜେଡି ବିଜୟ ଲାଭ କରି ଆସୁଛି। ୨୦୦୯ ମସିହାରେ ପଥମ ଥର ଟିକେଟ ପାଇ ଖଗେଶ୍ୱର ବେହେରା ଏହି ଆସନରୁ ବିଜୟ ଲାଭ କରିଥିଲେ। ପରବର୍ତ୍ତୀ ସମୟରେ ଖଗେଶ୍ୱର ବେହେରାଙ୍କୁ ବାଦ୍ ଦେଇ ୨୦୧୪ ଓ ୨୦୧୯ ରେ ସୁଶାନ୍ତ କୁମାର ବେହେରାଙ୍କ ଉପରେ ଭରଷା କରି ଦଳ ଦେଇଥିଲା ଟିକେଟ୍। ସୁଶାନ୍ତ କୁମାର ବେହେରା ଦୁଇ ଦୁଇ ଥର ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭ କରିଥିଲେ। ଏହି ନିର୍ବାଚନ ମଣ୍ଡଳୀରେ ଭୋଟର ସଂଖ୍ୟା ୨,୦୩,୨୫୭। ସେଥିମଧ୍ୟରୁ ପୁରୁଷ ଭୋଟର ହେଲେ ୧୦୬୧୭୨, ଓ ମହିଳାଭୋଟର୍ ହେଲେ ୯୭୧୦୫ ଜଣ। ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଏହି ଆସନ। ଏଥର ବିଜେଡି ଓ ବିଜେପି ମଧ୍ୟରେ ଟକ୍କର୍ ହେବ ବୋଲି କୁହାଯାଉଛି। ୨୦୧୯ ମସିହାରେ ହୋଇଥିବା ସାଧାରଣ ନିର୍ବାଚନରେ ବିଜେଡି ଓ ବିଜେପି ମଧ୍ୟରେ ହୋଇଥିଲା କଡ଼ା ଟକ୍କର୍। ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ୭୪,୯୧୧ଖଣ୍ଡ ଭୋଟ୍ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ



ଅଗସ୍ତି ବେହେରା ୬୮,୧୧୭ ଖଣ୍ଡ ଭୋଟ୍ ପାଇଥିଲେ। କଂଗ୍ରେସ ପ୍ରାର୍ଥୀ ସସ୍ମିତା ବେହେରା ୧୬,୫୮୮ ଖଣ୍ଡ ଭୋଟ ପାଇଥିଲେ। ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ୬୭୯୪ଖଣ୍ଡ ଭୋଟ୍ ଅଧିକ ପାଇ ବିଜୟ ଲାଭ କରିଥିଲେ। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନରେ ତୃତୀୟ ଥର ପାଇଁ ସୁଶାନ୍ତ କୁମାର ବେହେରାଙ୍କ ଉପରେ ଭରଷା କରି ପୁନର୍ବାର ଟିକେଟ୍ ଦେଇଛି ଦଳ।

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ବିଜେଡି ସ୍ଥିତ ସୁଦୃଢ଼ ଥିବା ଓ ବିଜେପିରେ ଗୋଷ୍ଠୀ କନ୍ଦଳ ଲାଗି ରହିଥିବାରୁ ଏହାର ଫାଇଦା ନେବାକୁ ବସିଛି ବିଜେଡି। ତେଣୁ ହ୍ୟାଟ୍ରିକ କରିବା ଲକ୍ଷ୍ୟରେ ରହିଛନ୍ତି ସୁଶାନ୍ତ। ପୂର୍ବ ନିର୍ବାଚନ ପରିସଂଖ୍ୟାନକୁ ଆକଳନ କଲେ ପ୍ରତିଥର ନିର୍ବାଚନରେ ବିଜେଡିର ଭୋଟ୍ ବ୍ୟବଧାନ ବଢ଼ି ବଢ଼ି ଚାଲିଛି। ବର୍ତ୍ତମାନ ବିଜେଡିର ସ୍ଥିତି ସ୍ଥିର ଥିବାବେଳେ ଅନ୍ୟ ସବୁ ଦଳର ସ୍ଥିତି ଏପଟ ସେପଟ ଦେଖାଦେଇଛି। ବିଧାୟକ ସୁଶାନ୍ତ କୁମାର ବେହେରା ସବୁ ସମୟରେ କିଛି ଅଭିନବ ଉପାୟରେ ନିଜର ଭୋଟ୍ ବ୍ୟାଙ୍କକୁ ବଢ଼ାଇବା ସହ ସୁରକ୍ଷିତ ଥିବା ଦେଖିବାକୁ ମିଳିଛି। ଘରେ ଘରେ ଶଙ୍ଖ ମାଧ୍ୟମରେ ଲୋକମାନଙ୍କ ପାଖରେ ପହଞ୍ଚି ଜନତାଙ୍କ ଖବର ରଖୁଛନ୍ତି ଏହି ନେତା। ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ଗତ ଦଶବର୍ଷ ମଧ୍ୟରେ ଅନେକ ଗୁଡିଏ ଉନ୍ନତିମୂଳକ କାର୍ଯ୍ୟ ହୋଇଥିବାରୁ ଜନସାଧାରଣ ବହୁତ ଖୁସି ଅଛନ୍ତି। ବିଭିନ୍ନ ଛାମୁଆଁ ସଙ୍ଗଠକ ପ୍ରତିଦିନ ନିର୍ବାଚନ ମଣ୍ଡଳୀ ବୁଲି ଦଳୀୟ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ଯେଉଁ ଦଳରୁ ଯିଏ ବି ପ୍ରାର୍ଥୀ ହୁଅନ୍ତୁ ନା କାହିଁକି ବିଜେଡିର ଗଡ଼ କୁହାଯାଉଥିବା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ପୂର୍ବପରି ବିଜେଡି ପାଇଁ ସୁରକ୍ଷିତ ରହିଛି, ଏଥିରେ କୌଣସି ଦ୍ୱିମତ ନାହିଁ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।



ଇଦ୍ ପର୍ବ ଉପଲକ୍ଷେ ଅନୁଗୋଳ ମସଜିଦରେ ସମୂହ ନମାଜ ପାଠ (ଫଟୋ- ଟିକୁ)

## ପିକ୍ଅପ୍ ଭ୍ୟାନ୍ ଚୋରି ଘଟଣାରେ ୩ ଗିରଫ



**ଅନୁଗୋଳ, ୧୧।୪(ସମିସ):** ଅନୁଗୋଳ ସହର ଗାନ୍ଧୀମାର୍ଗରେ ରହୁଥିବା ପ୍ରଶାନ୍ତ କୁମାର ବେହେରାଙ୍କ ପିକ୍ଅପ୍ ଭ୍ୟାନଟି ଗତ ୬ ତାରିଖ ରାତିରେ ଚୋରି ହୋଇଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଶ୍ରୀ ବେହେରା ଉକ୍ତ ଦିନ ରାତିରେ ଗାଡ଼ି (ଓଡ଼ି ୧୯ ଏ ୩୭୦୬) ଟିକୁ ଘର ସମ୍ମୁଖରେ ରଖିଥିଲେ। ସକାଳୁ ଉଠି ଦେଖିଲା ବେଳକୁ ଗାଡ଼ି ନ ଥିଲା। ଅନୁସନ୍ଧାନରୁ ଜଣାପଡ଼ିଲା, କେହି ଜଣେ ଦୁର୍ବୃତ୍ତ ରାତିରେ ଗାଡ଼ିଟିକୁ ଚୋରି କରିନେଇଛି। ସିସି ଟିଭିରେ ଗାଡ଼ି ନେଇ ଯାଉଥିବାର ଦୃଶ୍ୟ କଏଦ୍ ହୋଇଛି। ଅନୁଗୋଳ ଟାଉନ୍ ଥାନା ପୁଲିସ ଖବରପାଇ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରି ଆଜି ସରଫରାଜ ଖାଁନ, ଏହମଦ ରାଜ, ଏମଡି ସଗୀରଙ୍କୁ ଗିରଫ କରିଛି। ତିନି ଜଣ ଅଭିଯୁକ୍ତଙ୍କ ପାଖରୁ ଚୋରି ହୋଇଥିବା ପିକ୍ ଅପ ଭ୍ୟାନ୍ ଜବତ କରାଯାଇଛି। ଚୋରି କରିବା ପାଇଁ ଆସିଥିବା ସ୍କୁଟିକୁ ମଧ୍ୟ ଜବତ ସହ ତିନି ଗୋଟି ମୋବାଇଲ ଫୋନ ଏକ ମାଷ୍ଟର ଚାବିକୁ ଜବତ କରି ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧୀରେଶ କୁମାର ଦାସ କହିଛନ୍ତି। ଚୋରି ହୋଇଥିବା ପିକଅପ୍ ଭ୍ୟାନକୁ ଉଦ୍ଧାର ପରେ ପ୍ରଶାନ୍ତ ବେହେରାଙ୍କୁ ଥାନା ପକ୍ଷରୁ ହସ୍ତାନ୍ତର କରାଯାଇଥିଲା।

# ଭାଇଚାରାର ପର୍ବ ଇଦ୍ ପାଳିତ

**କଣିହାଁ, ୧୧।୪(ସମିସ):** କଣିହାଁ ବ୍ଲକ ଅନ୍ତର୍ଗତ ଏନ୍ଟିପିସି କଣିହାଁ ବିଦ୍ୟୁତ୍ ପ୍ରକଳ୍ପର ଅସ୍ଥାୟୀ ଟାଉନ୍ସିପସ୍ଥିତ ମସ୍ଜିଦ୍ରେ ଗୁରୁବାର ପୂର୍ବାହ୍ନରେ ଇଦ୍ ପର୍ବ ତଥା ଇଦରଫିତର ପାଳିତ ହୋଇଯାଇଛି। କଣିହାଁ ବ୍ଲକର ସମଲ, ରେଙ୍ଗାଳି, ଜେଆଇଟିପିଏଲ୍, କଣିହାଁ ଓସିପି ଓ ଏନ୍ଟିପିସି ପ୍ରକଳ୍ପର ନିଯୋଜିତ କର୍ମଚାରୀ, ବିଭିନ୍ନ ଠିକାସଂସ୍ଥାରେ କାର୍ଯ୍ୟରତ ମୁସ୍ଲିମ୍ ସମ୍ପ୍ରଦାୟର କର୍ମଚାରୀ ଭାଇମାନେ ଏନ୍ଟିପିସି ଅଡିଟୋରିୟମ୍ ନିକଟରେ ସାମୂହିକ ଇଦ୍ ନମାଜ୍ ପାଠ କରିଥିଲେ। ଏଥିରେ ଶତାଧିକ ମୁସ୍ଲିମ୍ ଭାଇ ସାମିଲ ହୋଇଥିଲେ। ପ୍ରକାଶଯୋଗ୍ୟ ଯେ, ୧୦ ମାର୍ଚ୍ଚ ଠାରୁ ୧୦ ଏପ୍ରିଲ୍ ତାରିଖ ପର୍ଯ୍ୟନ୍ତ ରମଜାନରେ ଏକମାସ ଧରି ରୋଜା ପାଳନ କରିବା ନିମନ୍ତେ ମୁସଲମାନ ଭାଇଭଉଣୀମାନେ ଦିନସାରା ନିର୍ଜଳା ଉପବାସ ନିଷ୍ଠାର ସହ ପାଳନ କରିଥିଲେ। ରମଜାନ ମାସ ସମାପ୍ତ ହେବାପରେ ଆଜି ସମ୍ପୃକ୍ତ ଅଡିଟୋରିୟମ୍ ଠାରେ ଭାଇଚାରାର ସାମୂହିକ ଇଦ୍ ମିଳନ ପର୍ବ ଅନୁଷ୍ଠିତ ହୋଇଥିଲା। ନମାଜ୍ ପାଠ ପରେ ସମସ୍ତ ରାଗରୋଷକୁ ଭୁଲି ପରସ୍ପରକୁ ଆଲିଙ୍ଗନ



କରି ଇଦ୍ ମୁବାରକ ଜଣାଇଥିଲେ। ଉକ୍ତ ଇଦ୍ ପାଳନ ଉତ୍ସବକୁ ହାଫିଜ୍ , ୱାରିସ୍ ଖାନ୍, ଖଲ୍ଲିଦ୍ ଆନ୍ସାରୀ, ଏମ୍ଡି.ହାସନ, ଏମ୍ଡି ଇଦ୍ରିସ, ଏମ୍ଡି ରିଆଜ୍, ଏମ୍ଡି ଜହୀର୍, ସର୍ଫରାଜ ଖାନ, ଏମ୍ଡି ହୁଦା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଏନ୍ଟିପିସି ପ୍ରକଳ୍ପ ମୁଖ୍ୟ ତଥା ସିଜିଏମ୍ ଏ.କେ.ସେହେଗଲ୍ ଏବଂ ସମ୍ମାନିତ ଅତିଥି ରୂପେ ଏନ୍ଟିପିସି (ଓଆଣ୍ଡଏମ୍) ମହାପ୍ରବନ୍ଧକ ସତ୍ୟରାମ କ୍ରିଷ୍ଣା, ଏନଟିପିସି ମହାପ୍ରବନ୍ଧକ ରାଜକୁମାର, ଏନଟିପିସି ମାନବ ସମ୍ବଳ ଅଧିକାରୀ ମୁଖ୍ୟ ନଭନୀତ୍ କୁମାର, ଗଦାଶିଳା ସରପଞ୍ଚ ବୃନ୍ଦାବନ ପ୍ରଧାନ ପ୍ରମୁଖ ସାମିଲ୍ ଥିଲେ। ଅନ୍ୟତମ ନିମନ୍ତ୍ରିତ ଅତିଥିଙ୍କ ମଧ୍ୟରେ ବିଏମ୍ଏସ୍, ଆଇଏନ୍ଟିୟୁସି ଶ୍ରମିକ ସଂଗଠନ, ଏସ୍ ସିଏସ୍ ଟି ବିକାଶ ସଂଗଠନ, ଆଫେକ୍ସ ୟୁନିୟନ, ଗଣମାଧ୍ୟମ ପ୍ରତିନିଧିଗଣ ଏବଂ ଆମ ସେବା ପରିବାର କର୍ମକର୍ତ୍ତା, ବ୍ଲକ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଏହି ଭାଇଚାରା ପର୍ବରେ ସାମିଲ୍ ହୋଇଥିଲେ। ଶେଷାର୍ଦ୍ଧରେ ଆୟୋଜକଙ୍କ ପକ୍ଷରୁ ଦାନଧର୍ମ ଓ ସୁସ୍ୱାଦୁ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା।

■ ଗ୍ୟାସ୍ ସିଲିଣ୍ଡର୍ ବିସ୍ଫୋରଣ ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ଜଣେ ମୃତ

**ଅନୁଗୋଳ, ୧୧।୪(ସମିସ):** ସ୍ଥାନୀୟ ବଅଁରପାଳ ବ୍ଲକ ତଳମୂଳ ପାଟଣା ସାହିରେ ଗ୍ୟାସ୍ ବିସ୍ଫୋରଣରେ ଗୁରୁତର ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ ବାବୁଲା ସାହୁ(୪୮)। କଟକର ଏକ ଘରୋଇ ହସ୍ପିଟାଲରେ ମଙ୍ଗଳବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ବୁଧବାର ମୃତଦେହ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗତ ୩ ତାରିଖ ପୂର୍ବାହ୍ନ ୧୧ଟାରେ ଗ୍ୟାସରେ ମାଛ ଭାଜୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଗ୍ୟାସ୍ ବିସ୍ଫୋରଣରେ ବାବୁଲାଙ୍କ ସହିତ ପରିବାରର ୬ ଜଣ ଗୁରୁତର ହୋଇଥିଲେ।

## ପତ୍ନୀଙ୍କୁ ନିର୍ଯାତନା ଅଭିଯୋଗ

**ବଇଣ୍ଡା, ୧୧।୪(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ଥାନା କରଡ଼ିଙ୍ଗବାହାଲ ଗ୍ରାମର ପ୍ରଣତି ବେହେରାଙ୍କୁ ତାଙ୍କ ସ୍ୱାମୀ ବିଦେଶୀ ପ୍ରଧାନ ଓ ଶାଶୂ ବିଳାସ ପ୍ରଧାନ ଯୌତୁକ ନିର୍ଯାତନା ଦେଉଥିବା ଥାନାରେ ବୁଧବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୁଲିସ ନମ୍ବର ନଂ. ୮୯/୨୪ ରେ ଏକ ମାମଲା ରୁଜୁ କରିଛି। ତାଙ୍କର ୩ ଟି ଝିଅ ଥିବା ବେଳେ ସବୁବେଳେ ତାଙ୍କୁ ତାଙ୍କ ବାପଘରୁ ଅଧିକ ଯୌତୁକ ଆଣିବାକୁ କହି ନିର୍ଯାତନା ଦିଆଯାଉଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି।

## ତାଳଚେର ଯୁବକଙ୍କ ମୃତଦେହ ବ୍ରହ୍ମପୁରରୁ ଉଦ୍ଧାର

**ଅନୁଗୋଳ, ୧୧।୪(ସମିସ):** ଅନୁଗୋଳ ଜିଲ୍ଲା ତାଳଚେର ଅଞ୍ଚଳର ଜଣେ ଯୁବକଙ୍କ ମୃତଦେହ ବ୍ରହ୍ମପୁରର ଏକ ଆପାର୍ଟମେଣ୍ଟରୁ ଉଦ୍ଧାର ହୋଇଛି। ମୃତ ଯୁବକ ସମ୍ବିତ ସାହୁ ଏକ ମଦ କମ୍ପାନୀର ସେଲସ ଏକ୍ସ୍ୟୁକେଟିଭ ଭାବେ କାମ କରୁଥିବା ଜଣାପଡିଛି। ସମ୍ବିତ ତାଳଚେର ୨୧ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସତ୍ୟଭାମା ସାହୁଙ୍କ ଏକମାତ୍ର ପୁଅ। ସେ ଗତ କିଛିବର୍ଷ ହେଲା ବ୍ରହ୍ମପୁରରେ ଚାକିରି କରୁଥିଲେ। ତେବେ ଚାକିରିରେ ଅତ୍ୟଧିକ ଚାପ ଯୋଗୁଁ ସେ ଆତ୍ମହତ୍ୟା କରିଥିବା ଶୁଣିବାକୁ ମିଳୁଛି। ପୁଲିସ ତଦନ୍ତ ପରେ ପ୍ରକୃତ ସତ୍ୟ ପଦାକୁ ଆସିବ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ମନ ଜିଣିଲେ ବ୍ରଜକିଶୋର

# ତାଳଚେରରେ ରେକର୍ଡ ବିଜୟ ଲକ୍ଷ୍ୟରେ ବାପୁଭାଇ

**ତାଳଚେର, ୧୧।୪(ସମିସ):** ପୁଣି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ ଜିଣିଲେ ତାଳଚେରର ପ୍ରିୟ ବିଧାୟକ ବ୍ରଜକିଶୋର ପ୍ରଧାନ। ବହୁ ପ୍ରତୀକ୍ଷା ପରେ ୪ର୍ଥ ପର୍ଯ୍ୟାୟରେ ତାଳଚେର ନିର୍ବାଚନ ମଣ୍ଡଳୀର ଟିକେଟ ହାତେଇଛନ୍ତି ବ୍ରଜ କିଶୋର ପ୍ରଧାନ। ଦଳର ସୁପ୍ରିମୋ ତଥା ସଭାପତି ନବୀନ ପଟ୍ଟନାୟକ ଆଜି ସନ୍ଧ୍ୟା ସମୟରେ ତାଳଚେର ବିଧାନସଭା କ୍ଷେତ୍ରର ପ୍ରାର୍ଥୀ ଘୋଷଣା କରି ଶ୍ରୀ ପ୍ରଧାନଙ୍କ ନାମରେ ମୋହର ମାରିଥିଲେ। ତେବେ ଏହାକୁ ନେଇ ତାଳଚେରରେ ଦଳୀୟ କର୍ମୀ ଓ ଶୁଭେଚ୍ଛୁମାନେ ବାଣଫୁଟାଇ ଖୁସି ମନାଇଥିବା ଜଣାପଡ଼ିଛି। ଅନୁଗୋଳ ଜିଲ୍ଲାର ତାଳଚେର ନିର୍ବାଚନ ମଣ୍ଡଳୀର ବିଧାୟକ ବ୍ରଜକିଶୋର ପ୍ରଧାନ(ବାପୁ) ଘରେ ଘରେ ପରିଚିତ। ତାଙ୍କ କାମ କରିବାର ଶୈଳୀ ଓ ନିଆର ଉଦ୍ୟମ ଯୋଗୁଁ ସେ ସବୁରି ପ୍ରିୟଭାଜନ ହେବା ସହ ବିରୋଧୀଙ୍କୁ ଚକମା ଦେବାରେ ସଫଳ ହୋଇପାରିଛନ୍ତି। ନିର୍ବାଚନ ମଣ୍ଡଳୀର ଛୋଟରୁ ବଡ଼ ସମସ୍ତେ ତାଙ୍କୁ 'ବାପୁ ଭାଇ' ବୋଲି ଡାକିଥାନ୍ତି। ତାଳଚେର ଭଳି ଗୁରୁତ୍ୱପୂର୍ଣ୍ଣ ଆସନରୁ ଲଗାତର ତିନି ଥର ବିଧାୟକ ଭାବେ ସେ ନିର୍ବାଚିତ ହୋଇଛନ୍ତି। ସବୁଠାରୁ ବଡ଼ କଥା ହେଲା, ତାଙ୍କ କାର୍ଯ୍ୟଶୈଳୀ ଯୋଗୁଁ ଦଳର ଶୀର୍ଷ ନେତୃତ୍ୱ ତାଙ୍କ ଉପରେ ସନ୍ତୁଷ୍ଟ ଥିବା ବେଳେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆସ୍ଥା ଭାଜନ ହେବାରେ ସେ



ସଫଳ ହୋଇଛନ୍ତି। ତାଳଚେର ସ୍ଥିତ ସାର କାରଖାନରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତିକୁ ନେଇ ସର୍ବସାଧାରଣ ତାଙ୍କୁ ବେଶ ସମର୍ଥନ କରିଥାନ୍ତି। ବାହାର ଲୋକଙ୍କୁ ନିଯୁକ୍ତି ଦେବା ପରିବର୍ତ୍ତେ ନିଜ ନିର୍ବାଚନ ମଣ୍ଡଳୀର ଲୋକଙ୍କୁ କିଭଳି ଭାବେ ନିଯୁକ୍ତି ମିଳିପାରିବ ସେନେଇ ବାପୁଭାଇ ସର୍ବଦା ପ୍ରୟାସ କରିଥାନ୍ତି। ତାଙ୍କର ସରଳ, ମେଳାପୀ ଜୀବନଶୈଳୀ ସହ ଏଭଳି ସାମାଜିକ କାର୍ଯ୍ୟ ଯୋଗୁଁ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବାରେ ସେ ସଫଳ ହୋଇପାରିଛନ୍ତି। ଅନ୍ୟପକ୍ଷରେ କାରଖାନରେ କୌଣସି ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ ହେଲେ, ତାଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ କିଭଳି ଅନୁକମ୍ପାମୂଳକ ସହାୟତା ମିଳିବ ସେନେଇ ପ୍ରଚେଷ୍ଟା କରିଥାନ୍ତି। ଏହା ବ୍ୟତୀତ ନିର୍ବାଚନ ମଣ୍ଡଳୀରେ ଚାରାରୋପଣ, ରକ୍ତଦାନ କାର୍ଯ୍ୟକ୍ରମ ଭଳି ବିବିଧ ସାମାଜିକ କାର୍ଯ୍ୟକ୍ରମ କରି ଲୋକଙ୍କ ବିଶ୍ୱାସ ଜିତିବାରେ ସେ ସଫଳ ହୋଇଛନ୍ତି। ଯେଉଁ ଲୋକ ନିମନ୍ତ୍ରଣ କରେ, ସେଠାରେ ପହଞ୍ଚିଥାନ୍ତି ବିଧାୟକ ବାପୁ ଭାଇ। ୨୦୦୯ ମସିହାରୁ ୨୦୧୯ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ବିଜୟ ବ୍ୟବଧାନ ବଢ଼ାଇ ବିରୋଧୀଙ୍କ ମୁହଁ ଚୁପ୍ କରିବାରେ ବାପୁଭାଇ ସଫଳ ହୋଇପାରିଛନ୍ତି। ୨୦୦୯ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନରେ ବିଜୟୀ ହୋଇଥିବା ବେଳେ ୨୦୧୪ରେ ବିଜେଡି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବିଧାୟକ ମୁକୁଟ ପିନ୍ଧିଥିଲେ। ୨୦୧୯ରେ ମୋଦି ହାୱା ସତ୍ତ୍ୱେ ବିଜେପି ପ୍ରାର୍ଥୀ କାଳନ୍ଦୀ ଚରଣ ସାମଲଙ୍କୁ ବ୍ରଜକିଶୋର ପ୍ରାୟ ୨୪ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ୨୦୦୯ରେ ବାପୁ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ସେ ସମୟର ବିଜେଡି ପ୍ରାର୍ଥୀ ମହେଶ ସାହୁଙ୍କଠାରୁ ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ଜିତିଥିଲେ। ୨୦୧୪ରେ ବାପୁଭାଇ ବିଜେଡି ଟିକେଟ୍ ପାଇଁ ବିଜେପି ପ୍ରାର୍ଥୀ କାଳନ୍ଦୀ ସାମଲଙ୍କୁ ପ୍ରାୟ ୧୪ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ହରାଇଥିଲେ। ୨୦୧୪ ତୁଳନାରେ ୨୦୧୯ରେ ପ୍ରାୟ ଦଶ ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇ ରାଜନୀତିରେ ସେ ସଫଳ ବ୍ୟକ୍ତିତ୍ୱ ବୋଲି ପ୍ରମାଣ ଦେଇଛନ୍ତି। ବିଜୁ ଯୁବ ବାହିନୀ, ବିଜୁ ଛାତ୍ର ଜନତା ଦଳ, ବିଜୁ ଯୁବ ଜନତା ଦଳ, ବିଜୁ ମହିଳା ଜନତା ଦଳର କର୍ମକର୍ତ୍ତାଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରି ଭୋଟ ରାଜନୀତିରେ ସଫଳ ହୋଇପାରିଛନ୍ତି ବ୍ରଜକିଶୋର। ସବୁ ସାଧାରଣ ନିର୍ବାଚନରେ ବାପୁଭାଇ ସଫଳ ହୋଇଥିବା ବେଳେ ୨୦୨୪ ନିର୍ବାଚନରେ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇ ରେକର୍ଡ କରିବା ଲକ୍ଷ୍ୟରେ ଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ଆଠମଲ୍ଲିକରେ ଇଦ୍ ପାଳିତ



**ଆଠମଲ୍ଲିକ, ୧୧।୪(ସମିସ):** ଆଠମଲ୍ଲିକ ଉପଖଣ୍ଡ ମସଜିଦ ଠାରେ ମୁସଲମାନ ଭାଇମାନେ ଆଜି ଇଦ୍ ଉଲ ଫିତର ପାଳନ କରିଛନ୍ତି। ଏକମାସ ଧରି ଉପବାସ ଆଜି ସମାପ୍ତ ହୋଇଥିଲା। ସମସ୍ତେ ସମସ୍ତଙ୍କୁ ଧରି ଇଦ୍ ମୁବାରକ କହି ଖୁସି ମନାଇଥିଲେ। ପରେ କବର ସ୍ଥାନକୁ ଯାଇ ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ଧୂପକାଠି ଜାଳିଥିଲେ। ଏଥିରେ ବହୁ ମୁସଲମାନ ଭାଇ ଯୋଗ ଦେଇଥିଲେ। ସଭାପତି ସିରାଜ ଅଲି ଖାଁ, ସମ୍ପାଦକ ମୁବାରକ ଖାଁ, କୋଷାଧ୍ୟକ୍ଷ ସାକିରୁଦ୍ଦିନ ଖାଁ, ସଲିମ ଖାଁ, ସଦାକର ଖାଁଙ୍କ ସହିତ ବହୁ ସଂଖ୍ୟକ ମୁସଲମାନ ଭାଇ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବଚ୍ପନ୍ ପ୍ଲେ ସ୍କୁଲରେ ଇଦ୍ ପର୍ବ ପାଳିତ



**ଅନୁଗୋଳ, ୧୧।୪(ସମିସ):** ଅନୁଗୋଳ ମିଶ୍ରପଡ଼ା ସ୍ଥିତ ବଚପନ ପ୍ଲେ ସ୍କୁଲ ପ୍ରାଙ୍ଗଣରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ଶିକ୍ଷୟିତ୍ରୀ ଶ୍ୱେତା ମହାକୁଡ଼ ରମଜାନ ମାସର ମହତ୍ତ୍ୱ ଓ ଇଦ ପର୍ବ ପାଳନ ବିଷୟରେ କୁନି କୁନି ପିଲାମାନଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ। ଏହି ଉତ୍ସବରେ ମୁସଲମାନ ଭାଇଭଉଣୀ ବେଶରେ ସ୍ୱର୍ଣ୍ଣ ଲକ୍ଷ୍ମୀ, ରେୟାଂଶ, ଆଦ୍ୟାଶ୍ଲୋକ, ଐସାନୀ, ଅନ୍ତ୍ରା, ସାଇ ସନୟା, ରିୟାଂଶି, ଆର୍ଯ୍ୟାଦିତ୍ୟ, ଅଲିଭା, ଦିବାନ ଚନ୍ଦ୍ରବୀର, ଶ୍ରେୟାନଶୀ, ସାନଭି କ୍ରିଷ୍ଣା, ରୁଦ୍ରାନ୍ସ ଓ ହର୍ଷିତ ମୁଖ୍ୟ ଆକର୍ଷଣ ହୋଇଥିଲେ। ଏହାପରେ କୁନି କୁନି ପିଲାମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ର ଶୁଭେଚ୍ଛା ଜଣାଇ ଉତ୍ସବକୁ ଆନନ୍ଦର ସହ ଉପଭୋଗ କରଥିଲେ. ନୀଝାର ଅଲ୍ଲୀ ଦାମାନୀଙ୍କ ନେତୃତ୍ୱରେ ସ୍କୁଲର ଅଧ୍ୟକ୍ଷା ଇଭାଲିନ ରଥ, ଉପଦେଷ୍ଟା ସିମରନ ବେଗମ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଏହି ଉତ୍ସବକୁ ପରିଚାଳନା କରିଥିଲେ।

# ତାଳଚେର ସହର ବାଇପାସ୍ କେନାଲ ବନ୍ଧ ଏବେ ନର୍ଦ୍ଦମା କୁଣ୍ଡ

**ତାଳଚେର ସଦର, ୧୧।୪(ସମିସ)**

ତାଳଚେର ଦେଇ ଯାଇଥିବା ରେଙ୍ଗାଲି ଦକ୍ଷିଣ କେନାଲ ବିଭାଗର ଅପାରଗତା ଯୋଗୁଁ କେନାଲ ବନ୍ଧ ପ୍ରଦୂଷିତ ହେବାରେ ଲାଗିଛି। କେନାଲ ନିର୍ବାହୀ ଯନ୍ତ୍ରୀଙ୍କ ଦୁର୍ବଳ ନୀତି ନିୟମ ଯୋଗୁଁ କେନାଲ ବନ୍ଧର ଅବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି। କେନାଲର ଉଭୟ ପାର୍ଶ୍ୱ ବନ୍ଧରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପକାଯାଇଥିବା ବେଳେ କେନାଲ ବନ୍ଧ ନିକଟବର୍ତ୍ତି ଅଞ୍ଚଳରେ ଥିବା ଅନେକ ଘର, କିଛି ଗ୍ୟାରେଜ ଓ ଘର ମାଲିକମାନେ ସେମାନଙ୍କ ଗାଡ଼ି ମୋଟର ସର୍ଭିସ ପାଣି ଏବଂ ପାଇଖାନାର ମଇଳା ଓ ପାଇଖାନାର ନର୍ଦ୍ଦମା ପାଣି ସିଧା କେନାଲ ବନ୍ଧକୁ ଛାଡ଼ି ଦେଉଛନ୍ତି। ଏନେଇ ବାରମ୍ବାର ସ୍ଥାନୀୟ ଲୋକଙ୍କ ପକ୍ଷରୁ ଅଭିଯୋଗ ହେଉଥିଲେକ୍ୱେ ଶୁଣୁନାହାନ୍ତି। ଏବେ ଉକ୍ତ କେନାଲ ବନ୍ଧ ସଂପୂର୍ଣ୍ଣ ଭାବେ ପ୍ରଦୂଷିତ ହୋଇ କେନାଲ ପାଣି ଦୂଷିତ ହୋଇପଡ଼ିଛି। ଲୋକେ କେନାଲ ବନ୍ଧର ନର୍ଦ୍ଦମା ପାଣିକୁ ବ୍ୟବହାର କରିବା ଦ୍ୱାରା

- ପାଇଖାନା ପାଣି ଓ ନର୍ଦ୍ଦମା ପାଣି ମିଶୁଛି
- ସୁରକ୍ଷା ନେଇ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି

ବିଭିନ୍ନ ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। କେନାଲ ବନ୍ଧ ନିର୍ମାଣର ଉଦ୍ଦେଶ୍ୟ ଓ ଏବେକାର ସ୍ଥିତିକୁ ନେଇ ଲୋକଙ୍କ ମଧ୍ୟରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏଣୁ କେନାଲ ବନ୍ଧର ସୁରକ୍ଷାକୁ ନେଇ ବିଭିନ୍ନ ମହଲରେ ଦାବି ହେବା ସହ ଯେଉଁ ଘର ମାଲିକମାନେ କେନାଲକୁ ଦୂଷିତ କରୁଛନ୍ତି, ସେମାନଙ୍କ ଉପରେ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। କେନାଲ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହା ଉପରେ ବିଶେଷ ଦୃଷ୍ଟିଦେବା ଅତ୍ୟନ୍ତ ଜରୁରୀ ବୋଲି ଜନସାଧାରଣରେ ଦାବି ହେଉଛି।



# କେନ୍ଦ୍ରାପଡ଼ାରେ ଇଦ୍ ପର୍ବ ପାଳିତ

**କେନ୍ଦ୍ରାପଡ଼ା,୧୧।୪(ସମିସ)**




ମୁସଲମାନ ସମ୍ପ୍ରଦାୟର ଗଣପର୍ବ ଇଦ୍-ଉଲ୍-ଫିତର ଆଜି କେନ୍ଦ୍ରାପଡା ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କେନ୍ଦ୍ରାପଡା ସହରର ସକାଳ ୮ଟା ଠାରୁ ୧୦ଟା ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ପୁରୁଣା ଓ ନୂଆ ଇଦ୍‌ଘା ପଡିଆ, ହାଇସ୍କୁଲ ପାଖ ମସଜିଦ୍, ଦିଲାରପୁର ମସଜିଦ୍, ଫକିରାବାଦ୍ ମଜଜିଦ୍, ମୀରପାଟଣା ମସଜିଦ୍, ବଡହାଟ ମଜଜିଦ୍, କଜଳା ମସଜିଦ୍ ଓ ଗରାପୁର ମସଜିଦ ପ୍ରଭୃତିରେ ସମୂହ ପ୍ରାର୍ଥନା କରାଯାଇ ଆନନ୍ଦ ଉଲ୍ଲାସର ସହିତ ଇଦ୍ ପର୍ବ ପାଳିତ ହୋଇଯାଇଛି। ଗୋଟିଏ ମାସ ସୂର୍ଯ୍ୟୋଦୟ ପୂର୍ବରୁ ମୁସଲମାନ ସମ୍ପ୍ରଦାୟର ଲୋକମାନେ ରୋଜା ରଖିବା ସହିତ ଦିନସାରା ଉପବାସ ରହିଥାନ୍ତି ଓ ସୂର୍ଯ୍ୟାସ୍ତପରେ ସନ୍ଧ୍ୟାରେ ଉପବାସ ପରିହାର କରି ଖାଦ୍ୟ ଗ୍ରହଣ କରିଥାନ୍ତି। ରମଜାନର ଓସା ଓ ତରାବି ୨୯ ଦିନରେ ପାଳନ କରି ବୁଧବାର ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ ହେବାରୁ ଆଜି ଇଦ୍-ଉଲ-ଫିତର ପର୍ବ ପାଳନ କରାଯାଇଥିଲା। ଏହି ଅବସରରେ ଧନୀ ଲୋକମାନେ ଗରିବ ଲୋକମାନଙ୍କୁ ଯକ୍ରାତ ଓ ପିତରା ବଣ୍ଟନ କରିଥିଲେ। ଯାହା ଫଳରେ କି ଗରିବ ଲୋକମାନେ ମନ ଖୁସିରେ ଇଦ୍‌ପର୍ବ ପାଳନ କରିଥାନ୍ତି। ଏହି ଉପଲକ୍ଷେ ଆଜି ସହରକୁ ଆଲୋକମାଳା ରେ ସଜ୍ଜିତ କରାଯିବା ସହିତ ବିଭିନ୍ନ ସ୍ଥାନରେ ସୁଦୃଶ୍ୟ ତୋରଣମାନ ନିର୍ମାଣ କରାଯାଇଥିଲା।





ମୁସଲମାନ ସମ୍ପ୍ରଦାୟର ଆ ବା ଳ ବୃ ଦ୍ଧ ବ ନି ତା ନୂତନ ପୋଷାକ ପରିଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ବିଜେଡି ସମ୍ପାଦକ ରଞ୍ଜିତ ସାହୁ, ଜିଲ୍ଲା ବିଜେଡି ସଭାପତି ଧିରେନ ସାହୁ, ହିରଣ୍ୟ ପଣ୍ଡା, ସୌମେନ୍ଦ୍ର ପୃଷ୍ଟି, ଉମେଶ ନାୟକ, ସଲିମ ଖାନ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ରୋସ୍ନା ସାହୁ, ନଗର ବିଜେଡି ସଭାପତି ଯଯାତି କେଶରୀ ମହାନ୍ତି, ସରକାରୀ ଓକିଲ ସଞ୍ଜୟ ଜେନା, ପୂର୍ବତନ ରାଜ୍ୟ ବିଜେଡି ଯୁବ ସମ୍ପାଦକ ରାଜେଶ ପଣ୍ଡା, ରାଜେଶ ମହାନ୍ତି, ଶ୍ରମିକ ନେତା ମୁକ୍ତାର ଖାଁ, ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ ବିଭାଗ ସାଧାରଣ ସମ୍ପାଦକ ସୟଦ ଅବଦୁଲ ସତ୍ତାର ପ୍ରମୁଖ ପ୍ରାର୍ଥନାସ୍ଥଳରେ ପହଞ୍ଚି ମୁସଲମାନ ଭାଇମାନଙ୍କୁ ଇଦ୍ ମୁବାରକ ଜଣାଇଥିଲେ।



**ଡେରାବିଶ :** ପବିତ୍ର ରମଜାନ ଏକ ମାସ ନିଷ୍ଠାର ସହ ରୋଜା ରଖିବା ପରେ ଗତକାଲି ସନ୍ଧ୍ୟାରେ ଇଦ ଚନ୍ଦ୍ର ଦର୍ଶନ କରାଯାଇଥିଲା। ଏହି ଉପଲକ୍ଷେ ଡେରାବିଶ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ମୁସଲମାନ ସାହିମାନଙ୍କରେ ଏହି ଉତ୍ସବ ଗୁରୁବାର ଶାନ୍ତି ଶୃଙ୍ଖଳା ଓ ହର୍ଷଉଲ୍ଲାସର ସହ ପାଳିତ ହୋଇଯାଇଛି। ଏଥିପାଇଁ ଗତକାଲି ସନ୍ଧ୍ୟାରୁ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ ମସଜିଦ୍ ଓ ଇଦ୍‌ଗାହାକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଶାନ୍ତି, ସୌହାର୍ଦ୍ଦ୍ୟ , ଭାଇ.ରା ଓ ଦାନ ଦକ୍ଷିଣାର ସର୍ବଦା ସନ୍ଦେଶ ବହନ କରି ଆସିଥିବା ଏହି ଇଦ-ଉଲ-ଫିତର ପର୍ବ ଉପଲକ୍ଷେ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସାହିମାନଙ୍କରେ ଆଜି ପ୍ରାତଃରୁ ମୁସଲମାନ ଭାଇଭଉଣୀମାନେ ନୂତନ ବସ୍ତ୍ର ପରିଧାନ କରିବା ସହିତ ସମସ୍ତଙ୍କ ଘରେ ସ୍ୱାଦିଷ୍ଟ ଭୋଜନମାନ ରନ୍ଧାଯାଇଥିଲା। ସେହିପରି ପରିବାରର ଲୋକମାନେ ନିଜର ନିକଟସ୍ଥ ବନ୍ଧୁ ପରିଜନ ଓ ସାହିପଡୋଶୀ ଘରକୁ ଯାଇ ମିଷ୍ଟାନ୍ନ ବଣ୍ଟନ କରିବା ସହିତ ପରସ୍ପରକୁ ଇଦର ଅଭିନନ୍ଦନ ଜଣାଇଥିବା ଦେଖାଯାଇଛି। ଏହି ଅବସରରେ ବିଭିନ୍ନ ମୁସଲମାନ ସାହିରେ ଥିବା ମସଜିଦ୍ ଓ ଇଦଗାହାମାନଙ୍କରେ ସକାଳ ୮ଟାରୁ ୯ଟା ମଧ୍ୟରେ ଇଦ ଉଲ ଫିତରର ସମୂହ ନମାଜପାଠ କରାଯିବାସହ ଭାରତବର୍ଷର ଶାନ୍ତି ଓ ପ୍ରଗତି ପାଇଁସମୂହ ପ୍ରାର୍ଥନା କରାଯାଇଥିଲା।

## ସଦାନନ୍ଦପୁର ଓ ମନ୍ତ୍ରୀପଡ଼ା

**ପଞ୍ଚୁପାଣ୍ଡବ :** ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଓ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ମନ୍ତ୍ରୀପଡ଼ା ମୁସଲିମ ବସ୍ତିର ମସଜିଦ୍ ମାନଙ୍କରେ ଇଦ୍‌ଉଲ ଫତର ପର୍ବ ପାଳନ ହୋଇଯାଇଛି। ସଦାନନ୍ଦପୁର ମସଜିଦ୍‌ର ଇମାମ ହାଫିଜ ଅବଦୁଲ ସତାର ଏବଂ ମନ୍ତ୍ରୀପଡ଼ାର ଇମାମ ମୌଲାନା ଜାକିର ନୁରୀ ଇଦ୍ ନମାଜ କରାଇଥିଲେ। ଭାଇଚାରା ବଜାୟ ରଖିବା ପାଇଁ ହିନ୍ଦୁ ଓ ମୁସଲିମମାନଙ୍କ ଭବିଷ୍ୟତ ପାଇଁ ଏକ ସ୍ୱତନ୍ତ୍ର ଦୁଆ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସେକ୍ ୟାସିନ, ସେକ୍ ଆବିଦ, ସେକ୍ ରିଆସତ, ସେକ୍ ହୋସେନ୍, ସେକ ଅବଦୁଲ ରହିମ, ସେକ୍ ଅବଦୁଲ କଲାମ, ସେକ ଆସୋ ପ୍ରମୁଖ ପ୍ରମୁଖ ପରିଚାଳନା କରିଥିଲେ। ଏହି ପର୍ବ ନିମନ୍ତେ ବିଜେଡ଼ି ନେତା ଅରବିନ୍ଦ ମହାପାତ୍ର, କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ବ୍ଲକ ଅଧକ୍ଷା ପ୍ରଭାତି ମଲିକ, ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ, ସୁଦୀପ୍ତ କେଶରୀ ସାମଲ, ତ୍ରିଲୋଚନ ସାହୁ, ପ୍ରଶାନ୍ତ ସାମଲ, ଶିଶିର ମଲିକ, ପ୍ରକାଶ ଚନ୍ଦ୍ର ସାହୁ ଓ ରମେଶ ଗାହାଣ ପ୍ରମୁଖ ମୁସଲମାନଙ୍କ ଭାଇ ଭଉଣୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କେରଡ଼ାଗଡ଼

**ରାଜନଗର:** ପବିତ୍ର ଇଦ୍-ଉଲ ଫିତର ପାଳନ ଅବସରରେ ରାଜନଗର ବ୍ଲକ



କେରେଡାଗଡ ମୁସଲିମ ବସ୍ତିରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ଦୀର୍ଘ ୧ ମାସ ଧରି ମୁସଲିମ ଭାଇ ଭଉଣୀମାନେ ରୋଜା ରଖିଥାନ୍ତି। ଚାନ୍ଦ ଦର୍ଶନ ପରେ ସେମାନଙ୍କର ରୋଜା ସମାପନ କରିଛନ୍ତି। ଏହି ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡା ଲୋକସଭା ସାଂସଦ ପ୍ରାର୍ଥୀ ମହାନ୍ତି ଯୋଗଦେଇ ଇଦ୍ ପର୍ବ ଶାନ୍ତି, ମୈତ୍ରୀ, ଭାଇଚାରା, ସଂହତିର ବାର୍ତ୍ତା ବାଣ୍ଟିବା ସହିତ ଇଦ୍‌ର ଶୁଭକାମନା ଜଣାଇଥିଲେ। ମୁସଲିମ ସମ୍ପ୍ରଦାୟର ସେକ୍ ଉସ୍ମାନ, ସେକ୍ ମମତ, ସେକ୍ ସରାଜ ଉଦ୍ଦିନ, ସେକ୍ ରାଜୁ, ସେକ୍ ଆଲା ଉଦ୍ଦିନ, କଇମ ସାହା, ସେକ୍ ସୁକନ ପ୍ରମୁଖ ବିଧାୟକ ଶ୍ରୀ ସାହୁ ଏବଂ ସାଂସଦ ପ୍ରାର୍ଥୀ ଶ୍ରୀ ମହାନ୍ତିଙ୍କୁ ଇଦ୍‌ର ମୁବାରକ ଜଣାଇଥିଲେ। ଏଥିରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ରାଜ୍ୟ ଛାତ୍ର ବିଜେପି ସଂପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, କଟକ କେନ୍ଦ୍ର ସମବାୟ ସମିତିର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଆମ୍ବାର ଅଧକ୍ଷ ଗୋବର୍ଦ୍ଧନ ପ୍ରଧାନ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଜୟ ନାୟକ, ବିଜେଡି ନେତା ନରହରି ଜେନା, ମନମୋହନ ବେହେରା, ପ୍ରଫୁଲ୍ଲ ନାୟକ, ଅନିରୁଦ୍ଧ ରଣା, ସର୍ବେଶ୍ୱର ନାୟକ, କଳ୍ପତରୁ ସାମଲ, ଶରତ ନାୟକ, ଘନଶ୍ୟାମ ମାଝି, କୈଳାସ ମଲିକ, ବାଲିସାହିପାଟଣା ସରପଞ୍ଚ କୈଳାସ ଚନ୍ଦ୍ର ପରିଡା, ରାଜନଗର ବ୍ଲକ ବିଜେଡି ମୁଖପାତ୍ର କୈଳାସ ଚନ୍ଦ୍ର ମହାନ୍ତି, ଦେବେନ୍ଦ୍ର କୁମାର ଜେନା, ଅଶୋକ କୁମାର ବଳ, ଅନନ୍ତ ସେଠୀ, ସର୍ବେଶ୍ୱର ମହାନ୍ତି ପ୍ରମୁଖ ଏହି ପର୍ବରେ ସାମିଲ ହୋଇଥିଲେ।

## ଆଲି

**ଆଲି:** ଆଲି ବ୍ଲକ ମେଣ୍ଟପୁର ପଞ୍ଚାୟତରେ ଇଦ ଉଲ ଫିତର ପାଳିତ ହୋଇଯାଇଛି। ପଞ୍ଚାୟତର ଗୋପ, ପଦନପୁର,



ରସୁଲପୁର, କଳାପାହାଡ଼ ଗ୍ରାମରେ ରହୁଥିବା ମୁସଲିମ ସମ୍ପ୍ରଦାୟର ଭାଇଭଉଣୀମାନେ ଦୀର୍ଘ ଏକ ମାସ ରମଯାନ ପାଳନ କରିବା ପରେ ବୁଧବାର ସନ୍ଧ୍ୟାରେ ଚାନ୍ଦ ଦେଖିବା ପରେ ଓଷା ଭାଙ୍ଗିଥିଲେ । ଗୁରୁବାର ସକାଳେ ସ୍ଥାନୀୟ ଇଦଗା ପଡିଆରେ ହଜାର ହଜାର ମୁସଲିମ ଭାଇମାନେ ନୂତନ ବସ୍ତ୍ର ପରିଧାନ କରି ସାମୁହିକ ଭାବେ ନମାଜ ପାଠ କରିଥିଲେ । ନମାଜ ପାଠ ସରିବା ପରେ ପରସ୍ପରକୁ ଇଦର ଶୁଭେଚ୍ଛା ଜଣାଇଥିଲେ ।ଏହି ଅବସରରେ ସେମାନଙ୍କ ନିକଟରେ ଆଳିର ବିଧାୟକ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ,



ବିଜେପି ଆଲି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, କଂଗ୍ରେସର ଆଶାୟୀ ବିଧାୟକ ପ୍ରାର୍ଥୀ ଡାକ୍ତର ଦେବସ୍ମିତା ଶର୍ମା, ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ଜୟରାମ ସାହୁ, ଭୀଷ୍ମ ମହାନ୍ତି, ପ୍ରଦ୍ୟୁମ୍ନ ଦାସ, ବିଜେଡି ବ୍ଲକ ସଭାପତି ସନାତନ ମିଶ୍ର, କଂଗ୍ରେସ ବ୍ଲକ ସଭାପତି ରବି ନାରାୟଣ ବେହେରା ପ୍ରମୁଖ ପହଞ୍ଚି ଇଦର ଶୁଭେଚ୍ଛା ଜଣାଇଥିଲେ ।ଏହି ଦିନକୁ ସେମାନେ ଧୁମଧାମରେ ପାଳନ କରିଥିବା ବେଳେ ମହିଳା ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଇ ନିଜେ ଖାଇବା ସହିତ ଅନ୍ୟକୁ ଆପାୟିତ କରିଥାନ୍ତି । ସେହିପରି ଆଳିର ସିଙ୍ଗିରି, ପତ୍ରପୁରରେ ମଧ୍ୟ ଧୁମଧାମରେ ଇଦ ପାଳିତ ହୋଇଯାଇଛି।

## ଚୋରା ମଦ ବ୍ୟବସାୟୀ ଗିରଫ

**ରାଜକନିକା,୧୧।୪(ସମିସ):** ରାଜକନିକା ବ୍ଲକ ଜୟନଗର ବଜାରରେ ଚୋରା ମଦ ବିକୁଥିବା ନଳିନୀ କାନ୍ତ ବିଶ୍ୱାଳଙ୍କୁ ପୁଲିସ ଗିରଫ କରିଛି ।ତାଙ୍କଠାରୁ ୧୮ ଲିଟର ବିଦେଶୀ ମଦ ଜବତ ହୋଇଛି । ଗୁରୁବାର ସନ୍ଧ୍ୟାରେ ପୁଲିସ ଚଢ଼ଉ କରି ବିଭିନ୍ନ ପ୍ରକାରର ହୁସ୍କି, ରମ ଓ ବିଅର ବୋତଲ ଜବତ କରିଛି ।ତେବେ ରାଜକନିକା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରା ମଦ ବିକ୍ରିକୁ ପ୍ରୋତ୍ସାହିତ କରୁଥିବା ପୁଲିସ ମଝିରେ ଏଭଳି ଚଢ଼ଉର ଫାର୍ସ କରିବା ବୁଦ୍ଧିଜୀବୀଙ୍କୁ ଚକିତ କରିଛି।

## ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ !

**ଗରଦପୁର,୧୧।୪(ସମିସ):** ଚାଷ ଜମିରେ ଚାଷ କାର୍ଯ୍ୟ କରୁଥିବା ସମୟରେ ଅସହ୍ୟ ଗୁଲୁଗୁଲି ପାଇଁ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଛି। ଗରଦପୁର ବ୍ଲକ ଅଞ୍ଚଳରବନ୍ତଲାଗ୍ରାମର ପ୍ରତାପନାୟକ(୬୫) ନାମକଜଣେଚାଷୀଙ୍କରଗତବୁଧବାର ଦିନ ବିଲରେ କାମ କରୁଥିଲେ। ଏହି ସମୟରେ ଅସହ୍ୟ ଗୁଲୁଗୁଳି ସହ୍ୟ କରିନପାରି ଅଂଶୁଘାତରେ ହଠାତ୍ ସେ ପ୍ରାଣ ହରାଇଛନ୍ତି ସ୍ଥାନୀୟ ଲୋକେ କହିଛନ୍ତି। ହଠାତ୍ ଚାଷୀ ପ୍ରତାପଙ୍କର ମୃତ୍ୟୁ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଛେନାପୋଡ଼ ଦିବସ ପାଳିତ



**ନିକିରାଇ,୧୧।୪(ସମିସ):** ଧର୍ମରକ୍ଷା ସେନା ତରଫରୁ ଛେନାପୋଡ଼ ଦିବସ ଇନ୍ଦୁପୁର ସ୍ଥିତ ମା ଚଣ୍ଡୀ ଦେବୀ ମନ୍ଦିର ପରିସରରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମଟି ଶଶାଙ୍କ ଜେନାଙ୍କ ନେତୃତ୍ୱରେ ଆୟୋଜନ ହୋଇଥିଲା ।ନିକେତନ ଜେନା, ସୁଜିତ୍ ବୋଷ, ମାଧବ ପ୍ରଧାନ, ଅଭିଜିତ ଦାସ, ଚିତ୍ତରଞ୍ଜନ ଦାସ,କେଦାର ମଲ୍ଲିକ, ରାମ ନାରାୟଣ ସିଂ, ଗୌତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାଟୋଇଙ୍କ ତୃଷ୍ଣା ମେଣ୍ଟାଉଛି ପ୍ରୟାସ




**କେନ୍ଦ୍ରାପଡ଼ା,୧୧।୪(ସମିସ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ପ୍ରୟାସ' ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଗ୍ରୀଷ୍ମ ଖରାରେ ବାଟୋଇ ମାନଙ୍କ ଶୋଷ ମେଣ୍ଟାଇବା ପାଇଁ 'ଜଳଛତ୍ର' କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଇନ୍ଦୁପୁର ବାରୁଣୀ ମେଳା ଆରମ୍ଭରୁ ଉକ୍ତ ଜଳଛତ୍ର ଖୋଲାଯାଇ ହଜାର ହଜାର ଶ୍ରଦ୍ଧାଳୁ ଓ ବାଟୋଇମାନଙ୍କୁ ଦହି ପାଣି ଯୋଗାଇ ଦିଆଯାଉଛି। ଉକ୍ତ କାର୍ଯ୍ୟରେ ସିଦ୍ଧାର୍ଥ ଶଙ୍କର ଜେନା, ସ୍ମୃତି ରଞ୍ଜନ ସାହୁ, ଆଶିଷ ରଞ୍ଜନ ସାହୁ, ଆସିଫା ଅକତର, ଜମିଲ ଇକବାଲ, ଅଙ୍କିତା ରାଉତ, ପ୍ରତାପ ରଣା, ଶୁଭରାଜ ପରିଡା, କିରଣ ମହାରଣା, ଆଲୋକ ରାଉତ, ଦୀପ୍ତି ରଞ୍ଜନ ସାହୁ, ଗୋଲଖ ସାହୁ, ମୋବାରକ ଅଲି, ବିଶ୍ୱଜିତ ଜେନା ସହଯୋଗ ଯୋଗାଇଛନ୍ତି। ଏହି ଜଳଛତ୍ର ଆଗାମୀ ଦିନରେ ମଧ୍ୟ ଜାରିରହିବ ବୋଲି ସଭାପତି ଚନ୍ଦନ କୁମାର ସାହୁ କହିଛନ୍ତି। ସମସ୍ତ ସହଯୋଗୀଙ୍କୁ ସଂଗଠନ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛି।

**ବିଦ୍ୟାଳୟ ପରିଚାଳନା କମିଟି ବୈଠକ**

## ବିନା ଦ୍ୱନ୍ଦ୍ୱରେ ପାଠ ପଢ଼ିବେ ଶିଶୁ

**ଗରଦପୁର,୧୧।୪(ସମିସ):** ଶିଶୁ ହେଉଛନ୍ତି ଦେଶର ଭବିଷ୍ୟତ। ଶିଶୁ ନିଜର ଭବିଷ୍ୟତ ଗଢ଼ିବାକୁ ହେଲେ ଶିକ୍ଷାପ୍ରାପ୍ତି କରିବା ନିହାତି ଆବଶ୍ୟକ ରହିଛି । ସେଥିଲାଗି ସରକାର ଛାତ୍ରଛାତ୍ରୀମାନଙ୍କ ପାଇଁ ନିଜ ଅଞ୍ଚଳରେ ସ୍କୁଲର ସୁବିଧା ସହିତ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଇଛନ୍ତି। କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ୍ ଅନ୍ତର୍ଗତ ବେଢ଼ାରୀ ପଞ୍ଚାୟତର ହରିଦାସପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇ ଗରିବ ନିଷ୍ପେସିତ ଛାତ୍ରଛାତ୍ରୀଙ୍କ ପାଇଁ ସରକାର ଯୋଗାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା ।ପରିଚାଳନା କମିଟି ସଭାପତି ସାବିତ୍ରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷାର ଉନ୍ନତି, ଦକ୍ଷତା ଉପରେ ଅଧିକ ଧ୍ୟାନ ଦିଆଯିବା ସହିତ ଶିକ୍ଷାନୁଷ୍ଠାନର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି। ସରକାର ଓ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟକୁ ଆସିଥିବା ନିର୍ଦ୍ଦେଶନାମା ଉପରେ ବୈଠକରେ ସମସ୍ତ ଆଲୋଚନା କରାଯାଇଥିଲା। ନିର୍ଦ୍ଦେଶନାମା ଅନୁଯାୟୀ ଶିକ୍ଷା ବର୍ଷ ୨୦୨୪-୨୫ ପାଇଁ ଛାତ୍ରଛାତ୍ରୀ ମାନଙ୍କର ନାମପଞ୍ଜିକରଣ ଗତ ୨ ତାରିଖଠାରୁ ଆରମ୍ଭ ହୋଇଛି । ସରକାରଙ୍କର ଶିକ୍ଷା ଅଧିକାର -୨୦୦୯ ନିୟମ ଅନୁସାରେ ପ୍ରଥମ ଶ୍ରେଣୀରେ ପ୍ରବେଶ କ୍ଷମତାର ୨୫ ଭାଗ ସ୍ଥାନ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ନିଃଶୁଳ୍କ ଶିକ୍ଷାଦାନ ନିମନ୍ତେ ସଂରକ୍ଷିତ ରହିଛି । ଏହି ୱେବସାଇଟ ମାଧ୍ୟମରେ ୧ମ ପର୍ଯ୍ୟାୟ ଫେବୃଆରୀ ୨୨ ତାରିଖ ଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ, ଦ୍ୱିତୀୟ ପର୍ଯ୍ୟାୟ ୧୦ ଏପ୍ରିଲଠାରୁ ୨୪ ଏପ୍ରିଲ ମଧ୍ୟରେ ଅନଲାଇନ୍ ମାଧ୍ୟମରେ ପଞ୍ଜିକରଣ କରି ଏହାର ସୁଯୋଗ ନେବାପାଇଁ ପରିଚାଳନା କମିଟି ପକ୍ଷରୁ ଅନୁରୋଧ କରାଯାଇଛି । ଏହି ବୈଠକରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ପ୍ରମୋଦ ମହାପାତ୍ର, ପ୍ରଧାନ ଆଚାର୍ଯ୍ୟ ପ୍ରଭୁସାଗର ମହାପାତ୍ର, ଏମ ବି ସୈଳଜା, ସିନ୍ଧୁସାଗର ମହାପାତ୍ର, ସୁଚିତ୍ରା ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ରହି ବୈଠକରେ ଭାଗ ନେଇଥିଲେ।

## ବିଜୟ ପଟ୍ଟନାୟକଙ୍କ ପ୍ରତିନିଧି ରୂପେ ବିଭୂତି ନିଯୁକ୍ତ



**କେନ୍ଦ୍ରାପଡ଼ା,୧୧।୪(ସମିସ):** ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା କଂଗ୍ରେସ ନିର୍ବାଚନ ସମନ୍ୱୟ କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ତାଙ୍କ ଏକାନ୍ତ ଅନୁଗତ ବିଭୁତି ଭୂଷଣ ମହାପାତ୍ରଙ୍କୁ ପ୍ରତିନିଧି ରୂପେ ନିଯୁକ୍ତି ଦେଇଛନ୍ତି। ବିଭୁତି ଏବେ ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ରୂପେ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ବିଭିନ୍ନ ଛାତ୍ର ଆନ୍ଦୋଳନରେ ସକ୍ରିୟ ଅଛନ୍ତି। ଏବେ ସେ ସମସ୍ତ ରାଜନୈତିକ କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ତାଙ୍କ ପ୍ରତିନିଧି ରୂପେ କାର୍ଯ୍ୟ କରିବେ ବୋଲି ଶ୍ରୀ ପଟ୍ଟନାୟକ ଜଣାଇଛନ୍ତି।

**ବୃଦ୍ଧଙ୍କ ସାଇକଲରୁ ୨୦ ହଜାର ଲୁଟ୍ ଘଟଣା**

## ଅପରାଧୀଙ୍କୁ ଧରିଲା କମିଶନରେଟ୍ ପୁଲିସ୍, ବୃଦ୍ଧ ଫେରି ପାଇଲେ ଟଙ୍କା

**ରାଜନଗର, ୧୧।୪(ସମିସ):** ଠିକ୍ ମାସେ ତଳେ ରାଜନଗର ହଂସୁଆ ସେତୁ ନିକଟରେ ବୃଦ୍ଧଙ୍କ ସାଇକଲରେ ଟଙ୍ଗା ଯାଇଥିବା ବ୍ୟାଗକୁ ଦୁର୍ବୃତ୍ତମାନେ ଝାମ୍ପି ନେଇଥିଲେ। ଯେଉଁ ବ୍ୟାଗରେ ବୃଦ୍ଧଜଣଙ୍କ ବିଭିନ୍ନ ଦିନରୁ ସଞ୍ଚିଥିବା ଅର୍ଥ ବ୍ୟାଙ୍କରୁ ଉଠାଇ ଆଣିଥିବା ୨୦ହଜାର ଟଙ୍କା ଥିଲା। ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଜୁଣୁପଙ୍ଗା ଗାଁର ନିରଞ୍ଜନ ରାଉତ ରାଜନଗର ବ୍ୟାଙ୍କରୁ ଟଙ୍କା ଉଠାଇ ବ୍ୟାଗରେ ରଖି ସାଇକଲରେ ଟାଙ୍ଗିଥିଲେ। ରାଜନଗର ହଂସୁଆ ସେତୁ ନିକଟରେ ସାଇକଲ ଥୋଇ ଦୋକାନକୁ ଜିନିଷ କିଣିବାକୁ ଯାଇଥିବା ବେଳେ ତାଙ୍କୁ ଅନୁସରଣ କରିଥିବା ଦୁଇଜଣ ଯୁବକ ସାଇକଲରୁ ବ୍ୟାଗ ନେଇ ପୂର୍ବରୁ ଷ୍ଟାର୍ଟରେ ଥିବା ମୋଟର ସାଇକଲରେ ବସି ଚମ୍ପଟ ମାରିଥିଲେ। ପୁଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରିଥିଲେ ବି ଅପରାଧିଙ୍କୁ ଧରିବାରେ ସକ୍ଷମ ହୋଇନଥିଲା। କମିଶନରେଟ ପୁଲିସ ୮ଜଣ ଅପରାଧିଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୪ଜଣ ରାଜନଗର ଥାନା ଅଞ୍ଚଳରେ ବିଭିନ୍ନ ଲୁଟପାଟରେ ସଂପୃକ୍ତି ଥିବା ସ୍ୱୀକାର କରିବା ସହ ବୃଦ୍ଧଙ୍କ ୨୦ ହଜାର ଟଙ୍କା ଅପରାଧିମାନେ ନେଇଥିବା ସ୍ୱୀକାର କରିଥିଲେ। ଗିରଫ ଅପରାଧିଙ୍କଠାରୁ ୧୦ ହଜାର ଟଙ୍କା ଜବତ ହୋଇଥିଲା। ଅବଶିଷ୍ଟ ଟଙ୍କା ଅପରାଧିମାନେ ଖର୍ଚ୍ଚ କରି ଦେଇଥିବା କହିଥିଲେ। କମିଶନରେଟ ପୁଲିସ ଗିରଫ କରିଥିବା ଖୋର୍ଦ୍ଧା ଅଞ୍ଚଳର ସୁବାଷ, ଆସ୍କାର ଅଶୋକ, ଶ୍ରୀନିବାସ, ଯାଜପୁରର ସମୀର ପ୍ରଧାନ ପ୍ରମୁଖ ୪ଜଣ ରାଜନଗର ଅଞ୍ଚଳର ବିଭିନ୍ନ ମାମଲାରେ ସଂପୃକ୍ତି ଥିବା ରାଜନଗର ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି। ସେମାନଙ୍କଠାରୁ ଉଦ୍ଧାର ହୋଇଥିବା ୧୦ହଜାର ଟଙ୍କାକୁ ଆଜି ଲୁଟର ଶୀକାର ହୋଇଥିବା ବୃଦ୍ଧଙ୍କୁ ପ୍ରଦାନ କରାଯାଇଛି।



## ଗହୀରମଥାରୁ ୧ ଟ୍ରଲର ଜବତ, ୧୪ ମତ୍ସ୍ୟଜୀବୀ ଗିରଫ



**ରାଜନଗର, ୧୧।୪(ସମିସ):** ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୧୪ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣାଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟଗାର୍ଡ ମଦନମୋହନ ହାଁସଦାଙ୍କ ନେତୃତ୍ୱରେ ବନବିଭାଗ ପାଟ୍ରୋଲିଂ ଟିମ୍ ଗହୀରମଥା ନିଷିଦ୍ଧାଞ୍ଚଳର ସାତଭାୟା ନିକଟରେ ମା'ଲକ୍ଷ୍ମୀ ନାରାୟଣ ନାମକ ଟ୍ରଲର ମାଛ ଧରୁଥିବା ସମୟରେ କାବୁ କରିଥିଲେ। ଟ୍ରଲରରେ ଥିବା ରବିନ୍ଦ୍ର ପ୍ରଧାନ, ଗୌରହରି ପାତ୍ର, ଖୋକନ ସାମନ୍ତ, ରତନ ମାଝି, ଲକ୍ଷ୍ମଣ ବାରିକ, ସୁଶାନ୍ତ ସର୍ଦ୍ଦାର, ବିବେକାନନ୍ଦ ଜେନା, ଅମୂଲ୍ୟ କୁମାର ବେହେରା, ଖଗେଶ୍ୱର ମାଝି, ଜୟଦେବ ମଣ୍ଡଳ, ଜିତୁ ସିଂ, ପଞ୍ଚାନନ ମାଝି, ବାଦଲ ମଲିକ, ରବିନ୍ଦ୍ର ସାହୁ ପ୍ରମୁଖ ୧୪ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ସୂଚନା ଦେଇଛନ୍ତି। ଜବତ ଟ୍ରଲରରୁ ୬ଟି ଭିଏଚଏଫ, ୨ଟି ଜିପିଏସ, ଗୋଟିଏ ଫିସ୍ ଫାଇଣ୍ଡର, ୩ଟି ଟ୍ରଲିଂ ନେଟ, ୧୭ କ୍ୟୁଣ୍ଟାଲ ସାମୁଦ୍ରିକ ମାଛ ଜବତ କରାଯାଇଛି।

## ଖଣ୍ଡାୟତ କ୍ଷତ୍ରିୟ ଚେତନା ବିକାଶ ପରିଷଦର ବୈଠକ



**ଡେରାବିଶ,୧୧।୪ (ସମିସ):** କେନ୍ଦ୍ରାପଡ଼ା ବ୍ଲକ୍ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆସ୍ଥିତ ଦୟାନନ୍ଦ ସେବାଶ୍ରମ ପରିସରରେ ଜିଲ୍ଲା ସ୍ତରୀୟ ଖଣ୍ଡାୟତ କ୍ଷତ୍ରିୟ ଚେତନା ବିକାଶ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୟୋଜ୍ୟେଷ୍ଠ ବ୍ୟକ୍ତି ନଟବର ଭଦ୍ର ସଭାପତିତ୍ୱ କରିଥିଲେ। ପରିଷଦର ସଭାପତି ହରେକୃଷ୍ଣ ବରାଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସମ୍ପାଦକ ମଦନ ମୋହନ ବେହେରା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ପରିଷଦର ଉପସଭାପତି କାଉକ ଚରଣ ନାୟକ, ପାର୍ବତୀ ନାୟକ,ଜେନାମଣି ବଳ, ମାନଗୋବିନ୍ଦ ସ୍ୱାଇଁ, ଦୁର୍ଯ୍ୟୋଧନ ସ୍ୱାଇଁ, ଅଭୟ କୁମାର ପରିଡ଼ା, ପ୍ରମୋଦ କୁମାର ପ୍ରତାପ, ହରେକୃଷ୍ଣ ଭୋଳ, ପ୍ରମୋଦ କୁମାର ବେହେରା, କରୁଣାକର ସ୍ୱାଇଁ, ସୁରେନ୍ଦ୍ର ନାଥ ସ୍ୱାଇଁ, ଚନ୍ଦ୍ରମଣି ସାମଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆସନ୍ତା ବିଷୁବ ସଂକ୍ରାନ୍ତିରେ ଉତ୍କଳ ବିକାଶ ପରିଷଦ ପକ୍ଷରୁ ଭୁବନେଶ୍ୱରସ୍ଥିତ ରବିନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବରେ ଯୋଗ ଦେବା ପାଇଁ ପ୍ରେରିତ ନିମନ୍ତ୍ରଣପତ୍ରକୁ ପାର୍ବତୀ ନାୟକ ସଦସ୍ୟମାନଙ୍କୁ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଯୋଗ ଦେବା ପାଇଁ ଜିଲ୍ଲା କମିଟି ପକ୍ଷରୁ ଏକ ଟିମ୍ ଯିବା ପାଇଁ ସ୍ଥିର କରାଯାଇଥିଲା। ଏହି ବୈଠକରେ ଡେରାବିଶ ଓ କେନ୍ଦ୍ରାପଡ଼ା ବ୍ଲକର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ। ପରବର୍ତ୍ତୀ ବୈଠକ ଆସନ୍ତା ଜୁନ୍ ମାସ ୯ ତାରିଖରେ ଅନୁଷ୍ଠିତ ହେବ ବୋଲି ସଭାରେ ଧାର୍ଯ୍ୟ କରାଯାଇଥିଲା। ଏହି ବୈଠକରେ ପ୍ରତ୍ୟେକ ପଞ୍ଚାୟତରୁ ଅଧିକ ସଦସ୍ୟ ଯୋଗଦେବା ପାଇଁ ଅନୁରୋଧ କରାଯାଇଥିଲା। ଶେଷରେ ରଞ୍ଜନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବଢୁଛି ତାପମାତ୍ରା

# ମରୁଭୂମି ପାଲଟିଛି ମହାନଦୀ, ପାଇକା, ଗୋବରୀ ଓ ବୃଦ୍ଧା



- ନଦୀଗର୍ଭ ଜଳଶୂନ୍ୟ, ହ୍ରାସପାଉଛି ଭୂତଳ ଜଳସ୍ତର
- ଶୁଖିଲା ପଡ଼ିଛି ଶହ ଶହ କୂଅ, ପୋଖରୀ ଓ ନଳକୂପ



**ଜଗତସିଂହପୁର, ୧୧।୪(ସମିସ)**

ଶହ ଶହ ବର୍ଷଧରି ଜିଲ୍ଲାରେ ପ୍ରବାହିତ ହେଉଥିବା ପ୍ରମୁଖ ୪ ନଦୀ ଯଥା- ମହାନଦୀ, ପାଇକା, ଗୋବରୀ ଓ ବୃଦ୍ଧା ଜିଲ୍ଲାର ହଜାର ହଜାର ଲୋକଙ୍କ ଜୀବନ ରେଖା ପାଲଟିଛି। ଏବେ ଦିନକୁ ଦିନ ତାପମାତ୍ର ବଢୁଥିବାରୁ ଏହି ସମୟରେ ପାଣି ପାଇଁ ମଣିଷ ଓ ଜୀବଜନ୍ତୁଙ୍କ ମଧ୍ୟରେ ଏକ ପ୍ରକାର ଡହକବିକଳ ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଚଳିତ ବର୍ଷ ଖରାଦିନ ଆରମ୍ଭରୁ ଏହି ଚିରସ୍ରୋତା ନଦୀ ଗୁଡିକ ଏକପ୍ରକାର ମୃତ ନଦୀରେ ପରିଣତ ହେବାକୁ ବସିଛି। ଅଧିକାଂଶ ସ୍ଥାନରେ ନଦୀର ଜଳଧାର କ୍ଷୀଣ ପାଲଟିଥିବା ସମୟରେ କେତେକ ଜାଗାରେ ନଦୀଗର୍ଭ ସମ୍ପୂର୍ଣ୍ଣ ଭାବରେ ଶୁଖିଲା ପଡ଼ିବା ସହିତ ଧୂସର ମରୁଭୂମୀର ଭ୍ରମ ସୃଷ୍ଟି କରିଛି। ଏହି ସମୟରେ ଜିଲ୍ଲାର ଏହି ପ୍ରମୁଖ ନଦୀଗୁଡିକ ଜଳଶୂନ୍ୟ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳସ୍ତର ହ୍ରାସ ପାଇବା ସଙ୍ଗେ ସଙ୍ଗେ ଶହ ଶହ କୂଅ, ପୋଖରୀ ଓ ନଳକୂପ ଶୁଖି ଯାଉଥିବା ନେଇ ଅଭିଯୋଗ ହୋଇ ଆସୁଛି। ନଦୀକୁଳିଆ ଅଞ୍ଚଳରେ ପାଣିର ଏହି ସମସ୍ୟା ପାଇଁ ଲୋକମାନେ ଏବେ ତ୍ରାହି ତ୍ରାହି ଡାକୁଛନ୍ତି।

ନଦୀ କୂଳରେ ଗଢିଉଠିଥିବା ବିଭିନ୍ନ ସଭ୍ୟତା ପରି ଜିଲ୍ଲାରେ ପ୍ରବାହିତ ହେଉଥିବା ମହାନଦୀ, ପାଇକା, ଗୋବରୀ, ବୃଦ୍ଧା ନଦୀର ଉଭୟ ପାର୍ଶ୍ୱରେ ବିଭିନ୍ନ ଗ୍ରାମ ବା ଜନବସତି ଗଢିଉଠିଥିଲା। ନଦୀ କୂଳରେ ଅବସ୍ଥିତ ଥିବା ଗ୍ରାମଗୁଡିକର ହଜାର ହଜାର ଜନସାଧାରଣ ଏହି ନଦୀ ଉପରେ ନିର୍ଭର କରି ଜୀବନଯାପନ କରିଆସୁଥିଲେ। ମଣିଷଠାରୁ ଆରମ୍ଭ କରି ଗାଈ, ଗୋରୁ ଓ ପଶୁପକ୍ଷୀ ପର୍ଯ୍ୟନ୍ତ ଏହି ନଦୀର ପାଣିକୁ ବ୍ୟବହାର କରୁଥିଲେ। ଏହି ନଦୀର ପାଣିକୁ ଫସଲ ଚାଷରେ ବ୍ୟବହାର କରି ନଦୀର ଉଭୟ ପାର୍ଶ୍ୱରେ ଥିବା ଶହ ଶହ ଏକର ଜମିରେ ବିଭିନ୍ନ ପ୍ରକାର ଫସଲ ଚାଷ କରି ନଦୀ ପାର୍ଶ୍ୱସ୍ଥ ଗ୍ରାମର ଲୋକମାନେ ଜୀବିକା ନିର୍ବାହ କରିଆସୁଥିଲେ। ବିଶେଷ କରି ଏହି ନଦୀର ମଧୁର ମାଛକୁ କୈବର୍ତ୍ତ ସମ୍ପ୍ରଦାୟ ବର୍ଷସାରା ଧରି ନିଜ ପରିବାର ପ୍ରତିପୋଷଣ କରିଆସୁଥିଲେ। ଗ୍ରାମାଞ୍ଚଳର ଲୋକମାନେ ଶୌଚକ୍ରିୟା ଓ ଖାଦ୍ୟ ପ୍ରସ୍ତୁତି ପାଇଁ ମଧ୍ୟ ଏହି ନଦୀର ଜଳ ଉପରେ ନିର୍ଭର କରିଆସୁଥିଲେ। ମାତ୍ର ଧିରେ ଧିରେ ନଦୀ ଜଳଶୂନ୍ୟ ହେବା ଦ୍ୱାରା ଖରାଦିନେ ଏ ଅଞ୍ଚଳର ଭୂତଳ ଜଳ ସମ୍ପୂର୍ଣ୍ଣ ହ୍ରାସ ପାଇବା ସହିତ ବିଭିନ୍ନ ନଳକୂପ, କୂଅ, ପୋଖରୀ, ଗାଡିଆ ଜଳଶୂନ୍ୟ ହୋଇପଡ଼ିଛି। ଏଥିପାଇଁ ହଜାର ହଜାର ଲୋକ ପାଣି ପାଇଁ ଖରାଦିନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାଛଡା ନଦୀପାଣି ଉପରେ ନିର୍ଭରକରି କରାଯାଉଥିବା ଫସଲ ଚାଷ ସମ୍ପୂର୍ଣ୍ଣ ଭାବରେ ଉଜୁଡିଛି। ପୂର୍ବରୁ ନଦୀକୂଳରେ ରହୁଥିବା ଲୋକ ଥଣ୍ଡା ପବନ ପାଉଥିବା ସମୟରେ ନଦୀରେ ପାଣିନଥିବା କାରଣରୁ ଏବେ ତାତି ବଢ଼ିଚାଲିଛି।

ସୂଚନା ଅନୁସାରେ, ଚଳିତ ମାର୍ଚ୍ଚ ମାସରୁ ମହାନଦୀ ଶଯ୍ୟା ଶୁଖିଲା ପଡ଼ିଛି। ଯୁଆଡକୁ ଅନାଇଲେ ଖାଲି ବାଲି ଆଉ ବାଲି। କଟକ ସଦରଠାରୁ ଆରମ୍ଭକରି ଜିଲ୍ଲାର ରଘୁନାଥପୁର, ତିର୍ତ୍ତୋଲ ଓ ପଡୋଶୀ କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ଅଞ୍ଚଳରେ ପାଣି ବଦଳରେ ନଦୀଗର୍ଭ ବାଲୁକା ଶଯ୍ୟାରେ ପରିଣତ ହୋଇଛି। ନଦୀର ତଳ ମୁଣ୍ଡରେ କୌଣସି ଆନିକଟ ନଥିବାରୁ ଉଦ୍‌ବୃତ୍ତ ଜଳକୁ ସଂରକ୍ଷିତ କରାଯାଇପାରୁନାହିଁ। ବର୍ଷାଦିନରେ ମଧୂର ଜଳ ସିଧା ସଳଖ ସମୁଦ୍ରକୁ ଚାଲିଯିବା କାରଣରୁ ମଧୂର ଜଳର ଅପଚୟ ହେଉଛି। ସେହିପରି କଟକଠାରୁ ୪୦ କିମି ଦୂର ମହାନଦୀ ଜଳସମ୍ପଦ ବିଭାଗ ଦକ୍ଷୀଣ ଡିଭିଜନ ମଣିଜଙ୍ଗାର କ୍ରିଷ୍ଣାନନ୍ଦପୁରଠାରେ ମହାନଦୀର ଏକଶାଖା ନଦୀ ପାଇକା ଉଭୟ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ୬୦ କିମି ଅତିକ୍ରମ କଲାପରେ ପୁଣି ଭୂତମୁଣ୍ଡାଇଠାରେ ମହାନଦୀରେ ମିଶି ସମୁଦ୍ରରେ ପଡ଼ିଛି। ଏହି ନଦୀ ଦ୍ୱାରା ଉଭୟ ଜିଲ୍ଲାର ଲକ୍ଷ ଲକ୍ଷ ଚାଷୀ ଓ ନଦୀକୂଳ ବସିନ୍ଦା ଉପକୃତ ହେଉଥିବା ସମୟରେ ନଦୀ ଶୁଖିଲା ପଡ଼ିବା ଦ୍ୱାରା ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସେହିପରି ଜିଲ୍ଲାର ନାଉଗାଁ ବ୍ଲକ ମଧ୍ୟ ଦେଇ ପ୍ରବାହିତ ହେଉଥିବା ଗୋବରୀ ନଦୀ ଏବେ ଶୁଖିଲା ପଡ଼ିଛି। ନଦୀର ପୁନଃରୁଦ୍ଧାର କାମ ପାଇଁ ଦୁଇବର୍ଷ ତଳେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଆଳିପିଙ୍ଗଳଠାରୁ ଗାରୋଇ ପର୍ଯ୍ୟନ୍ତ ଖୋଳାଯାଇଥିଲେ ମଧ୍ୟ ନିମ୍ନ ମାନର କାମ ପାଇଁ ସ୍ଥିତିର କୌଣସି ଉନ୍ନତି ଘଟିନଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ, ବର୍ଷ ତମାମ ପାଣି ରହୁଥିବା ତିର୍ତ୍ତୋଲ ଅଞ୍ଚଳର ଜୀବନ ରେଖା ପାଲଟିଥିବା ବୃଦ୍ଧା ନଦୀ ଏବେ ଶୁଖିଲା ପଡ଼ିଛି। ଏହି ନଦୀ ତିର୍ତ୍ତୋଲ ବ୍ଲକ ଅଞ୍ଚଳ ଦେଇ କୁଜଙ୍ଗ ବ୍ଲକର ରାହାମା ଦେଇ ଏରସମାରେ ପ୍ରବାହିତ ହେବା ସହିତ ସେଠାରେ ସମୁଦ୍ରରେ ମିଶିଛି। ଏବେ କେବଳ ବର୍ଷା ଦିନରେ ନଦୀରେ ପାଣି ରହୁଥିବା ସମୟରେ ବାକି ୮ ମାସ ବୃଦ୍ଧାନଦୀ ଶୁଖିଲା ପଡୁଛି। ନଦୀଗର୍ଭ ପୋତିହୋଇପଡୁଥିବାରୁ ନଦୀ ଶଯ୍ୟା ଜଳଧାରଣ କ୍ଷମତା ହରାଇଛି।

## ଜଗତସିଂହପୁରରେ ଆନନ୍ଦ ଉଲ୍ଲାସରେ ଇଦ୍-ଉଲ୍-ଫିତର ପାଳିତ

**ଜଗତସିଂହପୁର,୧୧।୪(ସମିସ):** ଜଗତସିଂହପୁର ସହର ଓ ଆଖପାଖ ଅଞ୍ଚଳରେ ମୁସଲମାନ ସଂପ୍ରଦାୟର ପକ୍ଷରୁ ପବିତ୍ର ଇଦ-ଉଲ-ଫିତର ପର୍ବ ଶାନ୍ତିଶୃଙ୍ଖଳାର ସହିତ ଗୁରୁବାର ମହାସମାରୋହରେ ପାଳିତ ହୋଇଯାଇଛି। ମୁସଲମାନ ସଂପ୍ରଦାୟ ପକ୍ଷରୁ ସଂପୂର୍ଣ୍ଣ ୩୦ ଦିନ ଉପବାସ ରଖିବାପରେ ପବିତ୍ର ରମଜାନ ମାସର ଶେଷ ଦିବସର ପରଦିନ ଏହି ଇଦ-ଉଲ-ଫିତର ପାଳନ ହୋଇଛି। ଏହି ଅବସରରେ ସକାଳ ୭ଟାରେ ସହରର ବିଭିନ୍ନ ଇଦଘା ଓ ମସଜିଦରେ ଅନୁଷ୍ଠିତ ସାମୁହିକ ନମାଜ ପାଠ କରାଯିବା



ପରେ ଲୋକମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ସକାଳେ ସମୟରେ ସହରର ଓହଳ, ଦେଉଳି ଗ୍ରାମେଶ୍ୱର, କଲେଜ ଛକ, ଲଲାସାହି, କୋର୍ଟଛକ, ଆଖୁନସାହି ପ୍ରଭୃତି ମସଜିଦରେ ଏହି ଧର୍ମର ଲୋକମାନେ ସାମୁହିକ ନମାଜ ପାଠ କରିଥିଲେ। ଏହି ଉପଲକ୍ଷେ ଆଜି ସହରର ଉଭୟ ମୁସଲମାନ ଓ ହିନ୍ଦୁ ସଂପ୍ରଦାୟର ଲୋକମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ଯୋଗଦେଇ ପରସ୍ପରକୁ ପବିତ୍ର ଇଦର ଶୁଭେଚ୍ଛା ଜଣାଇବା ସହିତ ଏକ ଶୋଭାଯାତ୍ରାରେ ବାହାରିଥିଲେ। ମୌଲବୀମାନେ ସେମାନଙ୍କ ସଂପ୍ରଦାୟର ଲୋକମାନଙ୍କୁ ପବିତ୍ର କୋରାନରେ ସ୍ଥାପିତ ନୀତି ଗୁଡିକୁ ପାଳନ କରିବାକୁ ଓ ସମାଜରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ନିବେଦନ କରିଥିଲେ। ସେହିପରି ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୁଳିସିଂହ ଓ ବିରିତୋଳ ପଞ୍ଚାୟତରେ ଇଦ-ଉଲ- ଫିତର ପର୍ବ ପାଳିତ ହୋଇଯାଇଛି। ରସୁଲପୁରଠାରେ ମସଜିଦ ଓ କବର ସ୍ଥାନରେ ସମୁହ ନମାଜପାଠ କରାଯାଇଥିଲା। ସେହିପରି କୁଜଙ୍ଗର ଜୁମା ମସଜିଦ୍‌ରେ ସାମୁହିକ ନମାଜପାଠ ପରେ ଧାର୍ମିକ ଶୋଭାଯାତ୍ରାର ଆୟୋଜନ ହୋଇଥିଲା। ସେହିପରି ରଘୁନାଥପୁର ବ୍ଲକ କୁଆମଙ୍ଗା, ତଥା ପାରାଦୀପଠାରେ ମଧ୍ୟ ଇଦ୍-ଉଲ-ଫିତର ପର୍ବ ମୁସଲମାନ ଧର୍ମାଲମ୍ବୀ ମାନଙ୍କ ଦ୍ୱାରା ମହାସମାରୋହରେ ପାଳିତ ହୋଇଥିବା ଜଣାପଡ଼ିଛି।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ରଘୁନାଥପୁର, ୧୧।୪(ସମିସ):** ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ବରାଗୋଳ-ଗୋଠିଣା ଗ୍ରାମର ପ୍ରଭାକର ବାରିକଙ୍କ ପୁଅ ସୁବ୍ରତ ବାରିକ ଓରଫ ବବୁଲ୍ (୨୫) ଙ୍କର ବାଇକ୍ ଦୁର୍ଘଟଣାରେ ଆଜି ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ବବୁଲ୍ ଏକ ଆପାଚି ବାଇକ୍ ଗାଡି ନେଇ ଗୋଠିଣାରୁ ବଣିକୁନ୍ଦ ଅଭିମୁଖେ ଯାଉଥିବା ବେଳେ ପଠାଣି ଡ଼ିଅ ନିକଟରେ ପଛପଟରୁ ଏକ ଦ୍ରୁତଗାମୀ କାର ଆସି ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ୍ ଆରୋହୀ ବବୁଲ୍ ରାସ୍ତାକଡରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ଦେଇ ଛିଟିକି ତଳେ ପଡ଼ିଯାଇଥିଲେ।। ଘଟଣା ସ୍ଥଳରୁ କାରଟି ଧକ୍କା ଦେଇ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣାର ଶିକାର ହୋଇଥିବା ବବୁଲ୍‌ଙ୍କୁ ଉଦ୍ଧାର କରି ମୁମୁର୍ଷ ଅବସ୍ଥାରେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ରଘୁନାଥପୁର ଥାନା ଆଇଆଇସି. ସୁଶାନ୍ତ କୁମାର ସେଠୀ ପହଞ୍ଚି ଦୁର୍ଘଟଣାସ୍ଥାନ ଜଗତ୍‌ସିଂହପୁର ଥାନାରେ ଯାଉଥିବାରୁ ଜଗତ୍‌ସିଂହପୁର ଥାନାକୁ ଜଣାଇଥିଲେ। ଜଗତ୍‌ସିଂହପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ମେଡିକାଲକୁ ପଠାଇଛନ୍ତି। ମୃତ ଯୁବକ ଜଣକ ଏକ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଦୁର୍ଘଟଣାରେ ମୃତ ଖବର ପଚାରିତ ହେବାପରେ ବରାଗୋଳ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।



## ଷଣ୍ଢକୁଦ ବସ୍ତିରେ ଜଳିଗଲା ୨ ବଖରା

**ପାରାଦୀପ, ୧୧।୪ (ସମିସ):** ପାରାଦୀପ ମ୍ୟୁନିସିପାଲିଟି ଅଧୀନ ୧୭ ନମ୍ବର ୱାର୍ଡ ଷଣ୍ଢକୁଦ ବସ୍ତିରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୨ ବଖରା ଘର ଓ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଏମ. ସତ୍ୟନାରାୟଣଙ୍କ ଘର ଭିତରୁ କୌଣସି କାରଣରୁ ଧୂଆଁ ବାହାରିବା ଦେଖି ବସ୍ତିବାସିନ୍ଦା ଭୟଭୀତ ହୋଇପଡ଼ିଥିଲେ। କିଛି ବୁଝିବା ପୂର୍ବରୁ ଘର ହୁହୁ ହୋଇ ଜଳିବାରେ ଲାଗିଥିଲା। ସ୍ଥାନୀୟ ଲୋକେ ହାଣ୍ଡି ମାଠିଆ ସାହାଯ୍ୟରେ ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରିବା ସହିତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପାରାଦୀପ ବନ୍ଦର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ସମସ୍ତ ସାମଗ୍ରୀ ଜଳିପୋଡି ଯାଇଥିଲା। ଖବର ପାଇ ପୌରାଧକ୍ଷ ବସନ୍ତ ବିଶ୍ୱାଳ ପହଞ୍ଚି ପୌର ପରିଷଦ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।



## ଅଗ୍ନି ବିପନ୍ନଙ୍କୁ ବିଧାୟକ ପ୍ରାର୍ଥୀ ରମାକାନ୍ତଙ୍କ ସହାୟତା

**ଜଗତସିଂହପୁର, ୧୧।୪ (ସମିସ):** ତିର୍ତ୍ତୋଲ ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତର ଗୋବିନ୍ଦପୁର ଗୁଡ଼ିଆପଡ଼ା ଗ୍ରାମର ସ୍ୱାମୀ ପରିତ୍ୟକ୍ତା ଅସହାୟ ମହିଳା କାଦମ୍ବିନୀ ସେଠୀଙ୍କ ବାସଗୃହରେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ପୋଡ଼ି ପାଉଁଶ ହୋଇଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଘରପୋଡି ହେବା ପରେ ଖବର ପାଇ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ପ୍ରଫେସର ରମାକାନ୍ତ ଭୋଇ ବୁଧବାର ସନ୍ଧ୍ୟାରେ ଏହି ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ସହାୟତା ପ୍ରଦାନ କରିଥିଲେ। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଭାସ୍କର ଚନ୍ଦ୍ର ନାୟକଙ୍କ ସହିତ ଆଲୋଚନା କରି ଏହି ବାସହରା ବିପନ୍ନ ପରିବାରର ଆଶୁ ଥଇଥାନ ପାଇଁ ବ୍ୟବସ୍ଥା କରାଇବା ସହିତ ତିର୍ତ୍ତୋଲ ତହସିଲଦାରଙ୍କୁ ମଧ୍ୟ ଆବଶ୍ୟକୀୟ ସରକାରୀ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ କହିଥଲେ। ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ତାଙ୍କୁ ସରକାରୀ ଆବାସ ଯୋଜନାରେ ଏକ ବାସଗୃହ ଯୋଗାଇ ଦେବାକୁ ବ୍ଲକ ପ୍ରଶାସନକୁ ଅବଗତ କରାଯିବ ବୋଲି ବିଧାୟକ ପ୍ରାର୍ଥୀ ପ୍ରଫେସର ଭୋଇ ବିପନ୍ନ ପରିବାରକୁ ପ୍ରତିଶ୍ରୁତି ଦେଇଥିଲେ। ଗୋଟିଏ ରାତିରେ ଏହି ବାସଗୃହ ସମେତ ଗୋବିନ୍ଦପୁର ପଞ୍ଚାୟତର ଅରଡଙ୍ଗ କେନାଲ ପୋଲ ନିକଟରେ ଥିବା ଏକ ମାଛ ଗୋଦାମ ଘର ଓ ସାଁହାସ ଆବୁଆବଟ ନିକଟସ୍ଥ ଆଉଏକ ମାଛ ଗୋଦାମ ଘରକୁ ମଧ୍ୟ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ।



## ତଳପାଟଙ୍କ ଆଜାଦ ହିନ୍ଦ୍ କ୍ଲବରେ ଇଦ୍ ପର୍ବ ପାଳନ

**ବିରିଡି, ୧୧।୪(ସମିସ):** ପବିତ୍ର ଇଦୁଲଜୁହା ପର୍ବ ବିରିଡି ବ୍ଲକର ବିଭିନ୍ନ ସ୍ଥାନରେ ବେଶ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ଗୋପୀନାଥ ପୁର ପଞ୍ଚାୟତ ତଳପାଟଙ୍କ ମୁସଲିମ ବସ୍ତିର ବନ୍ଧୁମାନଙ୍କ ଦ୍ୱାରା ସ୍ଥାନୀୟ ଆଜାଦ ହିନ୍ଦ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି।ଏହି ଭାଇଚାରା କାର୍ଯ୍ୟକ୍ରମରେ ଜଗତସିଂହପୁର ବିଜେଡି ସାଂସଦ ପ୍ରାର୍ଥୀ ଡ଼ ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ, ବ୍ଲକ ସଭାପତି ରବୀନ୍ଦ୍ର ରାଉଳ, ବ୍ଲକ ଅଧକ୍ଷା ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶଙ୍କ ସମେତ ସରପଞ୍ଚ କାହ୍ନୁଚରଣ ବେହେରା, ନୃସିଂହ ଚରଣ ଦାଶ, ନେତ୍ରାନନ୍ଦ ପାତ୍ର, ମୀର ଆଜମୀର ଅଲ୍ଲୀ, ତୃପ୍ତି ରାୟ, ପ୍ରଦୀପ୍ତ ଭୂୟାଁ, ପୁଷ୍ପ ପ୍ରକାଶ ପ୍ରଧାନ, ପ୍ରଶାନ୍ତ ବେହେରା, ସୁଦର୍ଶନ ବେହେରା, ନିହାର ରଞ୍ଜନ ସ୍ୱାଇଁ ଯୋଗଦେଇ ସମସ୍ତଙ୍କୁ ଗୋଲାପ ଫୁଲ ପାଖୁଡା ଦେଇ ପବିତ୍ର ଇଦଲଜୁହାର ଶୁଭେଚ୍ଛା ଜଣାଇ ସେମାନଙ୍କ ଏହି ଆୟୋଜନକୁ ପ୍ରଶଂସା କରିଥିଲେ।



## ନଦାମହଲାରେ ଇଦ୍ ପାଳିତ

**ତିର୍ତ୍ତୋଲ, ୧୧।୪(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୃଷ୍ଣାନନ୍ଦପୁର ଓ ବିଶନପୁର ପଞ୍ଚାୟତର ନଦାମହଲା ମସଜିଦରେ ଇଦ୍ ଉଲ୍ ଫିତର ପାଳିତ ହୋଇଯାଇଛି। ମୁସଲମାନ ସମ୍ପ୍ରଦାୟର ଜନସାଧାରଣ ନବବସ୍ତ୍ର ଧାରଣ କରି ଇଦଗା ପଡ଼ିଆରେ ସମୂହ ନମାଜ ପାଠ କରିବା ସହ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଶେଖ ଆଜମ ଅଲ୍ଲୀ, ଶେଖ ସଲ୍ଲାହୁଦ୍ଦିନ, ଶେଖ ସବିର ଅଲ୍ଲୀ, ଶେଖ ଜାକିର ଅଲ୍ଲୀ, ସଫାୟତ ଅଲ୍ଲୀ, ଶେଖ ଆକିବ ଅଲ୍ଲୀ, ଇମ୍ରାନ ଅଲ୍ଲୀ, ଶେଖ ହାଫିଜଉଦ୍ଦିନ, ଶେଖ ଆଜାଦ, ଶେଖ ସହିଦ, ଶେଖ କବିର, ଆକବର, ମୋହିମ, ହାଫିଜୁଲ, ବବଲୁ, ନୱାଜ, ଅସଲମ, ତୌଫିକ, ଆୟାଦ, ଶାୟନ, ସନୱର, ଜୁନେଦ, ଦିଲଶାଦ, ମହସିନ, ନିୟାଜ, ମନାୱାର, କ୍ୱାୟାମ, କାସିଫଙ୍କ ସମେତ କମିଟି ସଭ୍ୟ ଶେଖ ସବୋ, ଶେଖ ଇଦ୍ରିଶ ଅଲ୍ଲୀ, ଶେଖ ମାଜିଦ ଅଲ୍ଲୀ, ଶେଖ ଲତିଫ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାସ୍ତାରେ ଦାଦାବଟି ମାଗିବା ସହିତ ଆକ୍ରମଣ ଅଭିଯୋଗ

**ଜଗତସିଂହପୁର,୧୧।୪(ସମିସ):** ଜଗତସିଂହପୁରଥାନା ଅନ୍ତର୍ଗତ ବିଶିପିତଳ ଗ୍ରାମର ବିଜୟ ମହାପାତ୍ର ତାଙ୍କ ସ୍ତ୍ରୀ ସହିତ ବଜାରରୁ ନିଜ ଘରକୁ ଫେରୁଥିବା ସମୟରେ ତାଙ୍କୁ ଜନୈକ ଦୁର୍ବୃତ୍ତ ରାସ୍ତାରେ ଅଟକାଇ ଦାଦାବଟି ମାଗିବା ସହିତ ମାଡ ମାରିଥିବା ନେଇ ଜଗତସିଂହପୁର ଥାନାରେ ଅଭିଯୋଗ ହେଉାଇଛି। ପୁଲିସ ଏ ସଂପର୍କରେ ଏକ ମମଲା ରୁଜୁ କରିବା ସହିତ ତଦନ୍ତ କରୁଥିବା ଜଣାପଡ଼ିଛି।

ଅଭିଯୋଗ ଅନୁସାରେ, ଜଗତସିଂହପୁର ଥାନା ଅନ୍ତର୍ଗତ ବିଶିପିତଳ ଗ୍ରାମର ବିଜୟକୁମାର ମହାପାତ୍ର ବୁଧବାର ରାତି ୮ଟାରେ ନିକଟସ୍ଥ ଚାରିପୋଲିଆ ବଜାରରୁ କିଛି ଅବଶ୍ୟକ ସାମଗ୍ରୀ କିଣିବାପରେ ଘରକୁ ଫେରୁଥିଲେ। ଗ୍ରାମର ମନ୍ଦିର ନିକଟସ୍ଥ ପୋଲ ନିକଟରେ ହଠାତ୍ ଉକ୍ତ ଗ୍ରାମର ଯଶୋବନ୍ତ ରାଉତରାୟ ପଛରୁ ବାଇକରେ ଆସି ବିଜୟଙ୍କ ଆଗରେ ତାର ବାଇକକୁ ରଖିବା ସହିତ ଅତି ଅସଭ୍ୟ ଭାଷାରେ ବିଜୟ ଓ ତାଙ୍କ ସ୍ତ୍ରୀକୁ ଗାଳିଦେବା ସହିତ ବିଜୟଙ୍କୁ ଗୋଇଠା ମାରିଥିଲା। ମଦ ପିଇବାକୁ ୫ ହଜାର ଟଙ୍କା ମାଗିବା ସହିତ ବିଜୟଙ୍କୁ ଭୟ ଦେଖାଇ ତାଙ୍କ ପକେଟରେ ଥିବା ୧ ହଜାର ଟଙ୍କାକୁ ଛଡାଇ ନେଇଥିଲା। ଏପରିକି ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲା। ଏସମ୍ପର୍କରେ ବିଜୟ ଅଭିଯୋଗ କରିବାପରେ ଜଗତସିଂହପୁର ଥାନାରେ ଏକ ମାମଲା ରୁଜୁ ହେବା ସହିତ ପୁଲିସ ତଦନ୍ତ ଜାରି ରଖିଛି।

## ହନୁମାନ ଦୟାପରିଷଦର ବାର୍ଷିକୋତ୍ସବ



**ତିର୍ତ୍ତୋଲ, ୧୧।୪(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୂଳ ପଞ୍ଚାୟତର ବଡ଼ଭଁସର ଗ୍ରାମର ହନୁମାନଜୀଉ ଦୟାପରିଷଦର ବିଂଶତମ ବାର୍ଷିକ ଉତ୍ସବ ସ୍ଥାନୀୟ ହନୁମାନଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ପ୍ରବକ୍ତା ପରିଷଦର ସଭ୍ୟ ତଥା ଜିଲ୍ଲା ଧର୍ମଜାଗରଣ ସମନ୍ୱୟର ସଂସ୍କୃତି ପ୍ରମୁଖ ରାମାୟଣୀ ପଣ୍ଡିତ ଅଭୟ ଦାଶଙ୍କ ତ୍ରିଦିବସୀୟ ଯଜ୍ଞ କାର୍ଯ୍ୟରେ କର୍ତ୍ତା ଭାବେ ସନ୍ତୋଷ ରାଉତରାୟ ଓ ତାଙ୍କ ଧର୍ମପତ୍ନୀ ଶୁଭଶ୍ରୀ ରାଉତରାୟ ଯୋଗ ଦେଇଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ନୟାଗଡ଼ରୁ ଆସିଥିବା ସାଧୁ ନିର୍ବାଣ ଭଗବାନ ଦାସମହାରାଜ ପ୍ରବଚନ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଡ. ରମାକାନ୍ତ ଭୋଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସନାତନ ଦଳାଇ, ସମିତି ସଭ୍ୟ ବସନ୍ତ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜିତା ସିଂ, ରାଜେନ୍ଦ୍ର ପ୍ରସାଦ ଦାସ, ସରପଞ୍ଚଙ୍କ ପ୍ରତିନିଧି ପ୍ରଭାସ ସାହୁ, ପୂର୍ବତନ ସମିତି ସଭ୍ୟ ଗୋପୀନାଥ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବିଜୟ କୁମାର ସିଂ ଓ ଶରତ ରାଉତରାୟଙ୍କ ପରିଚାଳନାରେ ଅତିଥି ଓ ପ୍ରତିଭାଧର ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ବାଲିକୁଦା, ୧୧।୪(ସମିସ):** ବାଲିକୁଦା ବ୍ଲକ ଅନ୍ତର୍ଗତ ଥାଇଲ ପଞ୍ଚାୟତ କଟିକଟା ଜଙ୍ଗଲ ଗ୍ରାମର କାଞ୍ଚନ ଲେଙ୍କାଙ୍କ ୭୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଭାଗବତପ୍ରେମୀ ଭାବେ ବେଶ ଜଣାଶୁଣା ଥିଲେ। ଗତକାଲି ସେ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକ ତାଙ୍କୁ ଜଗତସିଂହପୁର ମେଡିକାଲକୁ ନେଇଥିଲେ। ପରେ କଟକର ଏକ ଘରୋଇ ହସ୍ପିଟାଲରେ ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ବିନୟ ଲେଙ୍କା ମୁଖାଗ୍ନି ଦେଇଥିଲେ।



## ପାରାଦୀପରୁ ଲଢ଼ିବେ ଗୀତାଞ୍ଜଳି ରାଉତରାୟ

# ଖୁସି ମନାଇଲେ ଦଳୀୟ କର୍ମୀ ଓ ସମର୍ଥକ

**ପାରାଦୀପ, ୧୧।୪ (ସମିସ)**

ସବୁ ପ୍ରତିକ୍ଷାର ଅନ୍ତ ଘଟି ଜଣେ ମହିଳାଙ୍କୁ ପାରାଦୀପ ରୁ ବିଜୁ ଜନତା ଦଳ ପ୍ରାର୍ଥୀ କରିଛି। ପାରାଦୀପ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳର ପ୍ରାର୍ଥୀନୀ ଭାବେ ଗୀତାଞ୍ଜଳି ରାଉତରାୟଙ୍କ ନାମ ଦଳ ଘୋଷଣା କରିଛି।ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ସମର୍ଥକମାନଙ୍କ ମଧ୍ୟରେ ଖୁସିର ମହୋଲ ସୃଷ୍ଟି ହୋଇଥିଲା। ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ଠାରେ ତାଙ୍କ ସମର୍ଥକ ତଥା ଦଳୀୟ କର୍ମୀମାନେମାନେ ବାଣ ଫୁଟାଇ, ପରସ୍ପରକୁ ମିଠା ଖୁଆଇ ଆନନ୍ଦରେ ବିଭୋର ହୋଇପଡ଼ିଥିଲେ।ଦଳର ସୁପ୍ରିମୋ ପୁନର୍ବାର ସ୍ୱର୍ଗତ ଦାମୋଦର ରାଉତଙ୍କ ପରିବାର ଉପରେ ଆସ୍ଥା ପ୍ରକଟ କରି ତାଙ୍କ ବୋହୁ ଶ୍ରୀମତୀ ରାଉତରାୟଙ୍କୁ ପାରାଦୀପ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ଚୟନ କରିଛନ୍ତି।୨୦୧୯ ନିର୍ବାଚନରେ ସ୍ୱର୍ଗତ ଦାମୋଦର ରାଉତଙ୍କ ପୁଅ ସମ୍ବିତ ରାଉତରାୟ ବିଜୁ ଜନତା ଦଳରୁ ଲଢ଼ି ବେଶ ସଫଳତା ପାଇଥିଲେ।ଏଥର ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ରାଉତରାୟ ନିଶ୍ଚିତ ବହୁ ଭୋଟ ବ୍ୟବଧାନରେ ଜିତିବା ନେଇ ଆଶା ରଖିଥିବା ଗଣମାଧ୍ୟମକୁ କହିଛନ୍ତି।ପାରାଦୀପ ନିର୍ବାଚନମଣ୍ଡଳୀ ଅଧିନରେ ରହିଥିବା ପାରାଦୀପ ମୁନିସିପାଲିଟିର ୧୯ ଟି ୱାର୍ଡ ସମେତ କୁଜଙ୍ଗ ବ୍ଲକର ୨୮ ଟି ଓ ତିର୍ତ୍ତୋ।ଲ ବ୍ଲକର ୮ଟି ପଞ୍ଚାୟତରେ ବିଜୁ ଜନତା ଦଳର ସଙ୍ଗଠନ ମଜବୁତ ଥିବାରୁ ଦଳ ଏଥର ଭଲ କରିବା ନେଇ ସେ ଆଶା ରଖିଛନ୍ତି। ତାଙ୍କ ଶଶୁରଙ୍କ ସବୁ ଅଧୁରା ସ୍ୱପ୍ନକୁ ପୂରଣ କରିବେ। ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବା ସହିତ ସମସ୍ତଙ୍କୁ ନେଇ ଚାଲିବେ ବୋଲି ସେ ସୂଚନା ଦେଇଛନ୍ତି। ପାରାଦୀପ ନିର୍ବାଚନ ମଣ୍ଡଳୀ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁଭଳି ଭାବେ ବିକାଶ କରିଛନ୍ତି ତାକୁ କେବେ ବି ସାଧାରଣ ଜନତା ଭୁଲି ପାରିବେ ନାହିଁ।୨୦୧୯ ନିର୍ବାଚନରେ ସମ୍ବିତ ରାଉତରାୟଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିବା କଂଗ୍ରେସର ବାପି ସର୍ଖେଲ ଏଥର ବିଜୁ ଜନତା ଦଳରେ ମିଶିବା ପରେ ପାରାଦୀପ ବିଜେଡିର ଶକ୍ତି ବୃଦ୍ଧି ଘଟିଛି।ତେବେ ଦଳୀୟ ଟିକେଟ ପାଇବା ପରେ ଶ୍ରୀମତୀ ରାଉତରାୟ ଦଳର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଜିଲ୍ଲା ପର୍ଯ୍ୟବେକ୍ଷକ ଅରୁଣ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।





### ମରାମତି ହେଉନି ନଳକୂପ

# ବାଳିସିଂରେ ପାନୀୟ ଜଳ ସଂକଟ ଉତ୍କଟ

**ମାର୍ଶାଘାଇ, ୧୧।୪(ସମିସ)**



ଗ୍ରାମାଞ୍ଚଳରେ ବସବାସ କରୁଥିବା ସାଧାରଣ ଲୋକଙ୍କ ନିକଟରେ ବିଶୁଦ୍ଧ ପାନୀୟଜଳ ପହଞ୍ଚାଇବାକୁ ସରକାର ବ୍ୟାପକ ଯୋଜନା ହାତକୁ ନେଉଛନ୍ତି। 'ହରଘରଜଳ' ଯୋଜନାରେ ସାମିଲ କରାଯାଇ ପ୍ରତିପରିବାରକୁ ପାଇପ୍ ଜଳ ସଂଯୋଗ ଦ୍ୱାରା ପାନୀୟ ଜଳସମସ୍ୟା ଦୂରକରିବାକୁ ପ୍ରତିଶ୍ରୁତି ବିଫଳ ସାବ୍ୟସ୍ତ ହୋଇଛି। ଦୃଢ଼ ଇଚ୍ଛାଶକ୍ତି ଅଭାବ ଏବଂ ବ୍ଲକ ପଞ୍ଚାୟତିରାଜ-ପାନୀୟଜଳ ବିଭାଗ ଅବହେଳା ଯୋଗୁ ଦୀର୍ଘଦିନ ହେବ ଜଳପ୍ରକଳ୍ପରୁ ଜଳଯୋଗାଣ ସୁବିଧା ମିଳୁନଥିବାବେଳେ ୩ଟି ଅଚଳ ନଳକୂପ ମରାମତି କରାଯାଉନାହିଁ। ଯାହାଫଳରେ ପ୍ରଚଣ୍ଡ ଗ୍ରୀଷ୍ମରେ ପାନୀୟଜଳ ସଙ୍କଟ ଯୋଗୁ ନଦୀଜଳ ଉପରେ ଗ୍ରାମବାସୀ ଭରସା କରୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଆୟତିପୁର ପଞ୍ଚାୟତ ବାଳିସିଂରେ ୨ଟି ନଳକୂପ ଅଚଳ ଯୋଗୁ ପାନୀୟ ଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଛି। ଏ ସମ୍ପର୍କରେ ଅଞ୍ଚଳବାସୀ ନଳକୂପ ମରାମତି କରିବାକୁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳରୁ ବ୍ଲକ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ହେଲେ ସ୍ଥାନୀୟ ଲୋକଙ୍କ ସମସ୍ୟାପ୍ରତି ବିଭାଗ ଆଦୌ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଜଳପ୍ରକଳ୍ପ ପାଇପ୍ ଲାଇନ୍ ସଂଯୋଗ କରାଯାଇଥିବା ବେଳେ ବର୍ଷବର୍ଷ ହେବ ଜଳଯୋଗାଣ ସମ୍ଭବପର ହେଉନଥିବା ଅଭିଯୋଗ ହେଉଛି।ପ୍ରଚଣ୍ଡ ଗ୍ରୀଷ୍ମରେ ନଦୀନାଳ ଶୁଖିଲା ପଡ଼ିଥିବା ବେଳେ ଦୀର୍ଘଦିନ ହେବ ଜନବସତି ମଧ୍ୟରେ ୨ଟି ନଳକୂପ ମରାମତି କରାଯାଉନଥିବା ଅଭିଯୋଗ ହେଉଛି। ଏଭଳି ସମସ୍ୟା ମଧ୍ୟରେ ନଦୀନାଳ ଘେରା ଅଗମ୍ୟ ଅଞ୍ଚଳରେ ତୃଷ୍ଣା ମେଣ୍ଟାଇବାକୁ ରାହା ମିଳୁନାହିଁ। ବାଳିସିଂ ସ୍କୁଲ ନିକଟସ୍ଥ ନଳକୂପ ମରାମତି କରାଯାଇଥିବା ବେଳେ ଅନ୍ୟ ୨ଟି ମଝିପଡ଼ା ଓ ଗାଁ ଶେଷମୁଣ୍ଡ ନଳକୂପ ଦୀର୍ଘଦିନ ହେବ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ମାତ୍ର ଗୋଟିଏ ସଚଳ ନଳକୂପ ୭୦ଟି ପରିବାରର ତୃଷ୍ଣା କିପରି ମେଣ୍ଟାଇବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାହାଫଳରେ ଲୁଣା-କରାଣ୍ଡିଆ ନଦୀ ଘେରା ମଧ୍ୟରେ ଅବସ୍ଥିତ ବାଳିସିଂବାସୀ ନଦୀଜଳ ଉପରେ ନିର୍ଭରଶୀଳ ହେବାକୁ ବାଧ ହେବାକୁ ପଡୁଥିବା ଅଭିଯୋଗ ହେଉଛି। ଅବଶ୍ୟ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ସ୍କୁଲ ନିକଟରେ ଅଚଳ ନଳକୂପ ବଦଳରେ ନୂତନ ନଳକୂପ ପ୍ରତିଷ୍ଠା କରାଯାଇଛି। ଯାହାଫଳରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାନୀୟଜଳ ସଂକଟ ଦୂର ହୋଇଛି। ନଦୀ ପରିବେଷ୍ଟିତ ମଧ୍ୟରେ ବସବାସ କରୁଥିବା ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗଇବାକୁ ନଳକୂପ ପ୍ରତିଷ୍ଠା କରାଯାଇ ଜଳସମସ୍ୟା ଦୂର ପ୍ରୟାସ ଆରମ୍ଭ ହୋଇଥିଲା। ନଳକୂପ ପ୍ରତିଷ୍ଠା କରାଯାଇ ଦୀର୍ଘଦିନ ପର୍ଯ୍ୟନ୍ତ ମଧୁର ଜଳ ବ୍ୟବହାର କରି ଲୋକଙ୍କ କେତେକାଂଶରେ ଜଳ ସମସ୍ୟା ଦୂର ହୋଇଥିଲା। ଏହାପରେ ଜନସଂଖ୍ୟା ବୃଦ୍ଧି ଯୋଗୁ ପର୍ଯ୍ୟାୟକ୍ରମେ ୪ଟି ନଳକୂପ ଖନନ କରାଯାଇ ଜଳସମସ୍ୟା ଦୂରକରିବାକୁ ଉଦ୍ୟମ କରାଯାଇଥିଲା। ବିଭାଗର ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ୩ ନଳକୂପ ଅଚଳ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଉତ୍କଟ ଜଳ ସଙ୍କଟ ଦେଖାଦେଇଛି। ପାନୀୟଜଳ ପ୍ରକଳ୍ପ ପାଇପ୍ ସଂଯୋଗ କରାଯାଇଥିବା ବେଳେ ଗାଁ ଶେଷ ମୁଣ୍ଡକୁ ଜଳ ପହଞ୍ଚୁନଥିବା ସମାଜସେବୀ ବାସୁଦେବ ସ୍ୱାଇଁ ଅଭିଯୋଗ କରିଛନ୍ତି। ଗାଁ ଶେଷମୁଣ୍ଡରେ ଥିବା ଘର ନିକଟରେ ୨ବର୍ଷତଳେ ଖନନ କରାଯାଇଥିବା ନଳକୂପ ଅଚଳ ହୋଇପଡ଼ିଛି। ଉକ୍ତ ନଳକୂପ ଅଦ୍ୟାବଧି ମରାମତି କରାଯାଉନଥିବା ଅଭିଯୋଗ ହେଉଛି। ବନ୍ୟା ସମୟରେ ଘେରୀ ମଧ୍ୟକୁ ବନ୍ୟାଜଳ ପ୍ରବେଶ କରିବାରୁ ଗ୍ରାମର ମଧ୍ୟଭାଗରେ ନଳକୂପ ଫାଉଣ୍ଡେସନ ଉଚ୍ଚତା କରାଯାଇ ବନ୍ୟାସମୟରେ ସାଧାରଣ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର କରାଯାଉଥିଲା।ଏହି ନଳକୂପ ୨ବର୍ଷ ହେବ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ବାରମ୍ବାର ନଳକୂପ ମରାମତି କରିବାକୁ ଗ୍ରାମବାସୀମାନେ ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ସମ୍ପର୍କରେ ବ୍ଲକ ପଞ୍ଚାୟତରାଜ-ପାନୀୟଜଳ ବିଭାଗ ଯନ୍ତ୍ରୀ ରାଜେନ୍ଦ୍ର ସିଂଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ମରାମତି କରିବାକୁ ବ୍ୟବସ୍ଥା କରାଯିବ ବୋଲି ମତ ଦେଇଛନ୍ତି।

## ଗରାପୁର ଶ୍ରୀମହାବୀର ଆଶ୍ରମରେ ରାମଚରିତ ମାନସ

**କେନ୍ଦ୍ରାପଡ଼ା, ୧୧।୪(ସମିସ):** ଗରାପୁରସ୍ଥିତ ବାବା ବୈକୁଣ୍ଠ ବ୍ରହ୍ମଚାରୀଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀମହାବୀର ହନୁମାନ ଆଶ୍ରମରେ ଶ୍ରୀରାମଚରିତ ମାନସ ପରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମନ୍ଦିର ପରିଚାଳନା କମିଟିର ସଭାପତି ବୈଷ୍ଣବ ପଦରଜ ଭିକ୍ଷୁ ବାବାଜୀ ଚେତନାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁଭାରମ୍ଭ ହୋଇଯାଇଛି। ପ୍ରଥମ ଉଦ୍‌ଘାଟନ ସନ୍ଧ୍ୟାରେ ମଙ୍ଗଳା ଚରଣ, ବନ୍ଦନା, ନାମ ମହାତ୍ମ୍ୟ ଓ ଶିବପାର୍ବତୀ ସମ୍ବାଦ ପ୍ରସଙ୍ଗ ପ୍ରବଚନ ଜ୍ଞାନଯଜ୍ଞ ପ୍ରଦାନ କରିଥିଲେ ପୂଜ୍ୟ ବାବାଜୀ ଅମୃତାନନ୍ଦ ଦାସ ମହାରାଜ। ଉକ୍ତ କାର୍ଯ୍ୟକ୍ରମ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ଶୁଭ ଜନ୍ମ ମହୋତ୍ସବ ଶ୍ରୀରାମ ନବମୀ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ପୂଜ୍ୟ ପ୍ରବକ୍ତାମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଦ୍ୱିତୀୟ ଦିବସ ୧୦ ତାରିଖରେ ପୂଜ୍ୟ ପ୍ରବକ୍ତା ଅନ୍ତର୍ଯ୍ୟାମୀ ବରାଳ, ୧୨ ତାରିଖରେ ବାବାଜୀ ସତ୍ୟାନନ୍ଦ ଦାସ, ୧୪ ତାରିଖରେ ଅମୃତାନନ୍ଦ ଦାସ, ୧୫ ତାରିଖରେ ପୂଜ୍ୟ ବାବାଜୀ ପୁରୁଷୋତ୍ତମ ଦାସ, ୧୭ ତାରିଖରେ ପୂଜ୍ୟ ବାବାଜୀ ସତ୍ୟାନନ୍ଦ ଦାସ ଓ କୁନି ପ୍ରବଚକ କେଶବ(ମଧ୍ୟାହ୍ନ) ପୂଜ୍ୟ ବାବାଜୀ ପୁରୁଷୋତ୍ତମ ଦାସ(ସନ୍ଧ୍ୟା) ରେ। ୧୪ ତାରିଖ ରବିବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ତିଥିରେ ବୀର ହନୁମାନଙ୍କର ପବିତ୍ର ଜନ୍ମୋତ୍ସବ ପାଳନ କରାଯିବ। ଉକ୍ତ ପାରମାର୍ଥିକ ସତ୍‌ସଙ୍ଗ ଅନୁଷ୍ଠାନରେ ସମସ୍ତ ରାମପ୍ରେମୀମାନେ ଯୋଗଦାନ କରିବା ପାଇଁ ଅନ୍ତେବାସୀ ସନ୍ନ୍ୟାସୀ ବାବାଜୀ ଶ୍ରଦ୍ଧାନନ୍ଦ ଦାସ ଓ ଅନ୍ୟମାନେ ନିବେଦନ କରିଛନ୍ତି।

## ଆଳି ବାର୍ ଆସୋସିଏସନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



**ଆଳି, ୧୧।୪(ସମିସ):** ଆଳି ବାର ଆସୋସିଏସନ ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଳି କୋର୍ଟ ପରିସରରେ ଅବସ୍ଥିତ ସଭା ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିର୍ବାଚନ ଅଧିକାରୀ ଆଡଭୋକେଟ ଶରତ ମହାନ୍ତି ଓ ସହ ନିର୍ବାଚନ ଅଧିକାରୀ ରାଧାକାନ୍ତ ବିଶ୍ୱାଳ ନିର୍ବାଚିତ ସଭାପତି ପ୍ରମୋଦ ରାୟ, ସମ୍ପାଦକ ନୃସିଂହଚରଣ ଦିକ୍ଷୀତ, ଉପ ସଭାପତି ସୁଶାନ୍ତ ଦିକ୍ଷୀତ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ସାମଲ, ସହ ସମ୍ପାଦକ ସୂର୍ଯ୍ୟମଣି ସାମଲ, ପାଠାଗାର ସମ୍ପାଦକ ପ୍ରଦୀପ୍ତ ଦାଶ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଅଣାକାର ବାରିକଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହା ପରେ ସଭାପତି ପ୍ରମୋଦ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି କୋର୍ଟ ବିଚାରପତି ଦୀପ୍ତି ରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଆଇନଜୀବୀ ପରିଷଦ ସଦସ୍ୟ ଗିରିଜାଶଙ୍କର ମିଶ୍ର ଯୋଗ ଦେଇ କହିଥିଲେ ସାଧାରଣ ଲୋକ ତ୍ୱରିତ ନ୍ୟାୟ ପାଇଲେ ଯାଇ ଆଇନ ବ୍ୟବସ୍ଥା ସଫଳ ହେବ। ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡ଼ା ବାର୍ ଆସୋସିଏସନ ସଭାପତି ଧ୍ରୁବଚରଣ ଜେନା ଓ ଆନନ୍ଦପୁର ବାର୍ ଆସୋସିଏସନ ସମ୍ପାଦକ ରବୀନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନ୍ୟାୟାଧୀଶ ଦୀପ୍ତି ରଞ୍ଜନ ଦାଶ, ମୁଖ୍ୟବକ୍ତା ଗିରିଜା ଶଙ୍କର ମିଶ୍ର ଓ କେନ୍ଦ୍ରାପଡ଼ା ବାର୍ ଆସୋସିଏସନ ସଭାପତି ଧ୍ରୁବ ଚରଣ ଜେନାଙ୍କୁ ଆଳି ବାର ଆସୋସିଏସନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଚାଟରା ବାସନ୍ତୀ ପୂଜା ପାଇଁ ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

**ଡେରାବିଶ, ୧୧।୪ (ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତ ଚାଟରା ଠାରେ ମା ବାସନ୍ତୀ ଦୁର୍ଗାଙ୍କ ପୀଠରେ ଚଳିତ ମାସ୧୩ ତାରିଖ ଶନିବାରଠାରୁ ଆରମ୍ଭ ହେବ ମା' ବାସନ୍ତିକ ଦୁର୍ଗା ପୂଜା। ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ପୂଜା ୧୭ ତାରିଖ ବୁଧବାର ଦିନ ସମାପନ ହେବ। ବ୍ଲକ ଅଞ୍ଚଳରେ ଏହି ପୂଜା ପ୍ରସିଦ୍ଧି ଲାଭ କରିଥିବାରୁ ମା'ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିବ। ଏ ନେଇ ଆଜି ମା'ଙ୍କ ପୀଠରେ ପୂଜା କମିଟି ତରଫରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କମିଟିର ସଭାପତି ରମେଶ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଲକ୍ଷ୍ମୀକାନ୍ତ ମହାନ୍ତି ଚଳିତ ପୂଜା ଉତ୍ସବ ପାଇଁ ପ୍ରସ୍ତୁତ ହୋଇଥିବା ବିଭିନ୍ନ କାର୍ଯ୍ୟସୂଚୀ ଉପରେ ସୂଚନା ଦେବା ପରେ ଭିଡ଼କୁ ପରିଲକ୍ଷିତ କରି ଅଧିକ ସଂଖ୍ୟାରେ ପୁଲିସ୍ ଓ ସ୍ୱେଚ୍ଛାସେବୀ କିପରି ନିୟୋଜିତ ହେବେ ସେ ନେଇ ସହ ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି ଆଲୋଚନା କରିଥିଲେ। ସେହିପରି ମା'ଙ୍କ ମନ୍ଦିରରେ ହେବାକୁଥିବା ପଣାହାଣ୍ଡି ଭୋଗ ଏବଂ ମହାଷ୍ଟମୀରେ ବଳିଦାନ ପର୍ବ କିଭଳି ଶୃଙ୍ଖଳିତ ଭାବେ ହେବ ସେ ନେଇ କମିଟିର କୋଷାଧ୍ୟକ୍ଷ ଅରଜିତ ମିଶ୍ର ଆଲୋଚନା କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅପେରା ପ୍ରଦର୍ଶନ ପାଇଁ ଏବଂ ପୂଜା ଉତ୍ସବରେ ଆସୁଥିବା ବିଭିନ୍ନ ବ୍ୟବସାୟୀଙ୍କ ପାଇଁ ସ୍ଥାନ ନିରୁପଣ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜୟନ୍ତ କୁମାର ବଳ, ଯଶୋବନ୍ତ ପ୍ରଧାନ, ଗୋକୁଳାନନ୍ଦ ମହାନ୍ତି, ଶାନ୍ତି ଭୂଷଣ ମହାନ୍ତି, ରଜନୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ମା' ଦୁର୍ଗା ୟୁଥ୍ କମ୍ବାଇନ୍ସ ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ପାରାଦୀପ, ୧୧।୪ (ସମିସ):** କ୍ରିକେଟ୍ ଖେଳ ମାଧ୍ୟମରେ ନିଶା ଛାଡ଼ାଇବାର ବାର୍ତ୍ତା ପ୍ରଦାନ କରିଛନ୍ତି ପାରାଦୀପର ଯୁବପିଢ଼ି। ନିଷିଦ୍ଧ ଡ୍ରଗ୍ସ ସେବନ ଦ୍ୱାରା ବିପଥଗାମୀ ହେଉଥିବା ଯୁବପିଢ଼ି କିପରି ଏହି ମାରାତ୍ମକ ନିଶା ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ, ଏ ନେଇ ନିଆରା ପ୍ରୟାସ କରିଛନ୍ତି ପାରାଦୀପ ମା' ଦୁର୍ଗା ୟୁଥ କମ୍ବାଇନ୍ସର ସଦସ୍ୟ। ୟୁଥ କମ୍ବାଇନ୍ସ ପକ୍ଷରୁ ଦୁଇଦିନ ଧରି ଦିବାରାତ୍ର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୧୮ଟି ଦଳକୁ ନେଇ ଅଞ୍ଚଳର ୮ଟି ଓ ବାହାର ଜିଲ୍ଲାର ୮ଟି ଟିମ୍ ଭାଗ ନେଇଥିବାବେଳେ ସମସ୍ତ ଖେଳାଳି ପାନ, ଗୁଟଖା, ମଦ, ସିଗାରେଟ ସହିତ ମାରାଧକ ଡ୍ରଗ୍ସ କବଳରୁ ନିଜେ ମୁକ୍ତ ହେବା ସହିତ କିଭଳି ଅନ୍ୟମାନଙ୍କୁ ଡ୍ରଗ୍ସ ମୁକ୍ତ କରିବା ପାଇଁ ପ୍ରୟାସ କରିବେ, ଏ ନେଇ କ୍ଲବର ସଦସ୍ୟଙ୍କ ସହିତ ସମସ୍ତ ଖେଳାଳି ଶପଥପାଠ କରିଥିହଲ। ଆଜି ଉଦଯାପନୀ ଉତ୍ସବରେ ସ୍ଥାନୀୟ ପାରାଦୀପ ପିଆଇସିଟିର ଡେପୁଟି ଜେନେରାଲ ମ୍ୟାନେଜର ବିଶ୍ୱଜିତ ମିଶ୍ର, କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି




ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଯୁବ ସମାଜକୁ ଡ୍ରଗ୍ସ କବଳରୁ ମୁକ୍ତ ରଖିବାର ଏକ ଅଭିନବ ପ୍ରୟାସ କରିଛନ୍ତି କ୍ଲବର ସଦସ୍ୟ। ଯୁବ ଆଇନଜୀବୀ ଗତିକୃଷ୍ଣ ଶତପଥୀଙ୍କ ଡ୍ରଗ୍ସ ବିରୋଧି ସଚେତନତା ବାର୍ତ୍ତାକୁ ସଫଳ କରିବାକୁ ସମସ୍ତ ପ୍ରଚେଷ୍ଟା ଜାରି ରଖିଛନ୍ତି ମା' ଦୁର୍ଗା ୟୁଥ କମ୍ବାଇନ୍ସର ସମସ୍ତ ସଦସ୍ୟ। ପାରାଦୀପ ଲୋକନାଥ ମହାରଥୀ, ଆଇନଜୀବୀ ଗତିକୃଷ୍ଣ ଶତପଥୀ, ଶ୍ରମିକ ନେତା ରାକେଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଚାମ୍ପିଅନ ଓ ରନର୍ସଅପ ଟିମକୁ ଟ୍ରଫି ସହିତ ୨୫ ହଜାର ୫୫୫ ଟଙ୍କା ଓ ୧୫ ହଜାର ୫୫୫ ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। କ୍ଲବର ଏଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ରାମଚରିତ ମାନସ ପ୍ରବଚନ ଜ୍ଞାନଯଜ୍ଞ ଆରମ୍ଭ



**ପଟ୍ଟାମୁଣ୍ଡାଇ, ୧୧।୪(ସମିସ):** ପଟ୍ଟାମୁଣ୍ଡାଇ ଶ୍ରୀରାମ କଥାମୃତ ପ୍ରଚାରିଣୀ ସଭା ଓ ବଣିକ ସଂଘ ମିଳିତ ଆନୁକୂଲ୍ୟରେ ଶ୍ରୀରାମ ଚରିତ ମାନସ ଓ ପ୍ରବଚନ ଜ୍ଞାନଯଜ୍ଞ ୯ ତାରିଖରୁ ସ୍ଥାନୀୟ ଶ୍ରୀରାମ ମନ୍ଦିର ମାନସ ମଣ୍ଡପଠାରେ ଆରମ୍ଭ ହୋଇଛି। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମକୁ ସନ୍ଥ ରାଘବେନ୍ଦ୍ର ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ୯ ଦିନ ବ୍ୟାପି ଆୟୋଜିତ ଆଧ୍ୟାତ୍ମିକ ମହୋତ୍ସବର ପ୍ରଥମ ଦିବସରେ ସତସଙ୍ଗ ମହିମା ଓ ଶିବ ବିବାହ, ଦ୍ୱିତୀୟ ଦିବସରେ ଶ୍ରୀରାମ ଜନ୍ମ, ବାଲ୍ୟଲୀଳା, ତୃତୀୟ ଦିବସରେ ସୀତା ବିବାହ ଓ ପର୍ଶୁରାମ ଭେଟ, ଚତୁର୍ଥ ଦିବସରେ ଶ୍ରୀରାମ ବନ ଗମନ, କୈବର୍ତ୍ତ ପ୍ରସଙ୍ଗ, ପଞ୍ଚମ ଦିବସରେ ଦଶରଥ ମହାରାଜାଙ୍କ ମହାପରାୟଣ ଓ ଭରତଙ୍କ ଚିତ୍ରକୂଟ ଯାତ୍ରା, ଷଷ୍ଠ ଦିବସରେ ଶ୍ରୀରାମ ଭରତ ମିଳନ ଓ ସୀତା ହରଣ, ସପ୍ତମ ଦିବସରେ ଶ୍ରୀରାମ ହନୁମାନ ମିଳନ, ଲଙ୍କା ଦହନ, ଅଷ୍ଟମ ଦିବସରେ ରାବଣ ବଧ ଓ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ନବମ ତଥା ଉଦଯାପନ ଦିବସରେ ଶ୍ରୀରାମଙ୍କ ରାଜ୍ୟାଭିଷେକ, କାକ ଭୂଷଣ୍ଡି ଓ ଗରୁଡ଼ ସମ୍ବାଦ ଆଦି ବିଭିନ୍ନ ପ୍ରସଙ୍ଗରେ ପ୍ରତିଷ୍ଠିତ ପ୍ରବଚକ ମାନେ ତା।ତ୍ତ୍ୱିକ ବିଶ୍ଳେଷଣ କରିବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି ଓ ଏହି ମହାନ ଆଧ୍ୟାତ୍ମିକ ମହୋତ୍ସବରେ ଭଦ୍ରକ ପୀର ହାଟର ପଣ୍ଡିତ ରାଘବେନ୍ଦ୍ର ଦାସ, ଢେଙ୍କାନାଳ ଭୁବନ ଆଶ୍ରମର ପଣ୍ଡିତ ସନ୍ତୋଷ ଚୈତନ୍ୟ, ଜଗତପୁର ହରିହରାନନ୍ଦ ଆଶ୍ରମର ତ୍ରିଜୀବ ଦାଶ, ଢେଙ୍କାନାଳର ପଣ୍ଡିତ ରବୀନ୍ଦ୍ର କୁମାର ଦାଶ ପ୍ରମୁଖ ଯୋଗ ଦେଇ ଦିବ୍ୟ ପ୍ରବଚନ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ଶ୍ରୀରାମ କଥାମୃତ ପ୍ରଚାରିଣୀ ସଭା ସଭାପତି କିରଣ କୁମାର ଭୂୟାଁ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଚତୁର୍ଭୁଜ ରାଉଳ, ପ୍ରମୋଦ ନାୟକ, ଆଡ଼ଭୋକେଟ ସଞ୍ଜୟ ସାହୁ, ବଣିକ ସଂଘ ସଭାପତି ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ନୃସିଂହ ପାଢ଼ୀ, ଅଚ୍ୟୁତାନନ୍ଦ ଜେନା, ହରେକୃଷ୍ଣ ସାହୁ, ସମ୍ବିତ ଦାଶ, ଲକ୍ଷ୍ମୀପ୍ରିୟା ପାଢ଼ୀ ପ୍ରମୁଖ ପରିଚାଳନା କରୁଛନ୍ତି ଆସନ୍ତା ୧୭ ତାରିଖ ଶ୍ରୀରାମ ନବମୀ ଦିନ ଶ୍ରୀରାମ ଚରିତ ମାନସ ଓ ପ୍ରବଚନ ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମ ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

## ନିମାଇଁ ଚରଣ ମାନସିକ ନ୍ୟୁନତା ସଂସ୍ଥାନର ବାର୍ଷିକୋତ୍ସବ

**କେନ୍ଦ୍ରାପଡ଼ା, ୧୧।୪(ସମିସ):** କେନ୍ଦ୍ରାପଡ଼ା ପୌରସଂସ୍ଥା ଦ୍ୱାରା ପରିଚାଳିତ ନିମାଇଁ ଚରଣ ମାନସିକ ନ୍ୟୁନତା ସଂସ୍ଥାନର ୩୪ ତମ ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସ୍ୱପ୍ନାଂଶୁ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଦନପୁର ମହାବିଦ୍ୟାଳୟର ପ୍ରାକ୍ତନ୍ ଅଧ୍ୟକ୍ଷ, ବିଶିଷ୍ଟ ସାହିତ୍ୟିକ ପ୍ରାଧ୍ୟାପକ ମୋହନ ଚରଣ ଜେନା, ମୁଖ୍ୟବକ୍ତା ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ପୌରସଂସ୍ଥା ରାଜସ୍ୱ ନିରୀକ୍ଷକ ଦେବୀ ପ୍ରସାଦ ଦାସ, ପ୍ରତିଷ୍ଠାତା ସମ୍ପାଦକ ସୁଧାଂଶୁ କୁମାର ଦାସ, ସହ ସମ୍ପାଦକ ଚିତ୍ତରଞ୍ଜନ ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲି ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଯୋଗ ଦେଇ ମାନସିକ ଅନଗ୍ରସର ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା କଷ୍ଟସାଧ ହେଲେ ମଧ୍ୟ ତାହାକୁ ସମ୍ଭବପର କରିପାରିଥିବାରୁ ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ସାଧୁବାଦ୍ ଜଣାଇଥିଲେ। ସେବା ମନୋବୃତ୍ତି ନେଇ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ। ଅତିଥି ପରିଚୟ ପ୍ରଦାନ ସହିତ ପାଠ ଶେଷ ପରେ ପିଲାମାନେ ଯେପରି ଆତ୍ମନିଯୁକ୍ତି ପାଇପାରିବେ ସେଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ମତ ରଖିଥିଲେ ଶିକ୍ଷୟିତ୍ରୀ କବିତା ମୁଦୁଲି। ପୌରସଂସ୍ଥା କୋଷାଧ୍ୟକ୍ଷ ଅଶୋକ କୁମାର ସାହୁ ସ୍ୱାଗତ୍ ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅବସର ନେବାକୁ ଥିବା କର୍ମଚାରୀ ଧରଣୀଧର ମହାନ୍ତି ଓ କରୁଣାକର ପଲାଇଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଭିନ୍ନକ୍ଷମ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ ଉପଢୌକନ, ଫୁଲ ଗଛ ସହ 'ଶ୍ରେଷ୍ଠ ଦିବ୍ୟାଙ୍ଗ ସେବା ସମ୍ମାନ'ରେ ସମ୍ମାନୀତ କରାଯାଇଥିଲା। ଉତ୍ସବରେ ସମଗ୍ର ଶିକ୍ଷା ଭିନ୍ନକ୍ଷମ ସଂଯୋଜକ ବିଜୟ କୁମାର ପରିଡ଼ା, ଶ୍ରୀଧର ଭୋଳ, ହିମାଂଶୁ ଭୂଷଣ ରାଉତ, ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରସଂସ୍ଥା ପରିଚାଳିତ ଦୃଷ୍ଟିବାଧିତ, ମୁକବଧିର ଓ ମାନସିକ ନ୍ୟୁନତା ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ପ୍ରଦ୍ୟୁମ୍ନ କୁମାର ଦାସ, ଭରତ କୁମାର ସାହୁ, ସ୍ନେହାଞ୍ଜଳି ଦାସ, ଅସୀମା ରଥ, ନିରାକାର ଷଡଙ୍ଗୀ, ସୁକାନ୍ତ କର, ମିତା ଦାସ, କଳ୍ପନା ପ୍ରଧାନ, ମହେନ୍ଦ୍ର ସିଂହ, ଅରୁଣ କୁମାର ଦାସ, ସୌରୀ ସେଠୀ, ସେକ ସାମସୁଦିନ୍ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ସୁନୀଲ ସାଗର ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ପଟ୍ଟାମୁଣ୍ଡାଇ, ୧୧।୪(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସପନେଶ୍ୱର ନୋଡାଲ କ୍ଲଷ୍ଟର ପକ୍ଷରୁ କଜଳବନ୍ଧ କେବି ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ସିଆରସିସି ଉମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ମୁଖ୍ୟଅତିଥି, ସିଆରସିସି ମଳୟ ଜେନା ମୁଖ୍ୟବକ୍ତା, ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ, ସିଆରସିସି ବିଭୁରଞ୍ଜନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାସୁଦେବ ସାମଲ, ଶ୍ରୀରାମ ଜେନା, କୁଳମଣି ନାୟକ, ନିଧିରାମ ପରିଡ଼ା ସମ୍ମାନିତଅତିଥି ଭାବେ ଯୋଗ ଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଶିକ୍ଷାନୁଷ୍ଠାନ ଓ ଶିକ୍ଷା ବିକାଶ କ୍ଷେତ୍ରରେ ବଳିଷ୍ଠ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକନେତା ପ୍ରେମାନନ୍ଦ ଜୀବନ ଦାଶ ସ୍ୱାଗତ ଭାଷଣ ଓ ପ୍ରଧାନଶିକ୍ଷକ ଦିଲ୍ଲୀପ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସିଆରସିସି ଲୋକନାଥ ନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଉମାକାନ୍ତ ଖଟୁଆ, ଉତ୍ସବ ଚରଣ କୁଣ୍ଡ, ସ୍ନେହଲତା ନାୟକ, ଜଗଦାନନ୍ଦ ଦାଶ, କାହ୍ନୁ ଚରଣ ପ୍ରଧାନ, ଦ୍ରୌପଦୀ ନାୟକ, ହରିଶ୍ଚନ୍ଦ୍ର ଅଧିକାରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ଶିକ୍ଷକନେତା ବିଜୟକୁମାର କର, ଭରତ ଚନ୍ଦ୍ର ସାହୁ, ପୁଷ୍ପଲତା ନାୟକ, ନିଗମାନନ୍ଦ ଦାସ, ଗୌରୀପ୍ରିୟା ଦାସ, ଯୁଧିଷ୍ଠିର ଦାସ, ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦେବେନ୍ଦ୍ରନାଥ ସ୍ୱାଇଁ, ଲିଲିମା ପ୍ରିୟଦର୍ଶିନୀ ସ୍ୱାଇଁ, ପ୍ରଶାନ୍ତ ସେଠୀ, ପ୍ରତାପ ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷକ ନେତା ଅରବିନ୍ଦ ରାଉତରାୟ, ସତ୍ୟବ୍ରତ ରାଉତ, ପ୍ରିୟସ୍ମିତା ଜେନା, ଭଞ୍ଜନ ପ୍ରଧାନ, ଅଚ୍ୟୁତାନନ୍ଦ ନାୟକ, ତୃପ୍ତିମୟୀ ସେନାପତି, ସ୍ୱର୍ଣ୍ଣଲତା ଧଳ, ପୁଷ୍ପଲତା ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସୁଶାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।



# ଆନନ୍ଦଉଲ୍ଲାସରେ ପାଳିତ ହେଲା ଇଦ୍, ଶୁଭେଚ୍ଛା ଜଣାଇଲେ ବିଧାୟକ

**ପଟ୍ଟାମୁଣ୍ଡାଇ, ୧୧।୪(ସମିସ)**



ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳରେ ଇସଲାମ ଧର୍ମର ଅନ୍ୟତମ ପବିତ୍ର ଗଣମହୋତ୍ସବ ଇଦ ବିପୁଳ ଆନନ୍ଦଉଲ୍ଲାସ ମଧ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି।ଏଇ ଅବସରରେ ଇଦଗାହା ପଡ଼ିଆ ସମୂହ ନମାଜ ପାଠ କରାଯାଇଥିଲା। ଇମାମ ସାହେବ ମହମଦ ଇସ୍ରାଫିଲ ଆମଜାଦି ସମୂହ ନମାଜ ପାଠ କରାଇଥିବାବେଳେ ସହଯୋଗୀ ମୌଲାନା ୱାସୀମ ଅକ୍ତର କାଦିର ଓ ହାଫିଜ ସଲ୍ଲାଉଦ୍ଦିନ ନମାଜ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।ନମାଜ ପାଠ ପାଇଁ ଇଦଗାହା ପଡ଼ିଆରେ ପଟ୍ଟାମୁଣ୍ଡାଇ ମୁସଲମାନବସ୍ତିର ଶହ ଶହ ମୁସଲମାନମାନେ ସମବେତ ହୋଇଥିଲେ। ଏହି ପବିତ୍ର ଅବସରରେ ରାଜନଗର ବିଧାୟକ ଧ୍ରୁବ ସାହୁ କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତ ମୁସଲମାନ ଭାଇ ଭଉଣୀମାନଙ୍କୁ ଇଦ ଶୁଭେଚ୍ଛା ଜ୍ଞାପନ କରିଥିଲେ ଓ ବିଜେଡି ସଂଖ୍ୟାଲଘୁ ସେଲର ଯୁବ ସଂଗଠକ ଏମ ଡି ପପୁଙ୍କ ନେତୃତ୍ୱରେ ଶହ ଶହ ମୁସଲମାନ ବିଧାୟକଙ୍କୁ ଟୋପି ଓ ଚାଦର ପିନ୍ଧାଇ ଭବ୍ୟ ସ୍ୱାଗତ କରିଥିଲେ। ବିଧାୟକଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଡ଼ା ଲେଙ୍କା, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଅଶୋକ ଧଳ ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ବରିଷ୍ଠ ସଂଖ୍ୟାଲଘୁ ସଂଗଠକ ଏସ କେ ବାରି, ପୂର୍ବତନ ପୌର ଉପାଧକ୍ଷ ସୁମନ୍ତ ପାତ୍ର, ୧୧ନଂ ୱାର୍ଡ କାଉନସିଲର ସାନିଆ ପରମିନ ସାହେବା, ୭ନଂ କାଉନସିଲର ମଳୟ ଓଝା, ୧୩ନଂ ୱାର୍ଡ କାଉନସିଲର ପ୍ରତିନିଧି ନିରାକାର ସାହୁ, ଯୁବନେତା ଅବିନାଶ ଲେଙ୍କା, ବାବନ ସାହୁ ପୂର୍ବତନ କାଉନସିଲର ଏସ କେ ଅମରୁଲ, ସୁରେନ୍ଦ୍ର ଗିରି, ମଳୟ ମଲିକ, ଅଭିରାମ ସ୍ୱାଇଁ, ଦିଲ୍ଲୀପ ସାହୁ, ପୁରୁଷୋତ୍ତମ ଗିରି, ବାପି ସାମଲ, ହରଗୋବିନ୍ଦ ଦାଶ, ସୌରେନ୍ଦ୍ର ବେହେରା ପ୍ରମୁଖ ମୁସଲମାନ ଭାଇ ଭଉଣୀମାନଙ୍କୁ ଇଦ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଦୀର୍ଘ ୮୦ବର୍ଷ ତଳେ ନିର୍ମିତ ମସଜିଦ ଗୃହ ପୁନଃନିର୍ମାଣ, ସମ୍ପ୍ରସାରଣ ପାଇଁ ରାଜ୍ୟ ବିଜେଡି ସମ୍ପାଦିକା ତଥା ୧୧ନଂ ୱାର୍ଡ କାଉନସିଲର ସାନିଆ ପରମିନ ସାହେବା, ଯୁବସଂଗଠକ ଏମ ଡି ପପୁ, ଅବଦୁଲ ବାରି, ଏମ ଡି ବଣ୍ଟି, ସେକ ତଇତୁଲ୍ଲା, ବରକତ ଅଲ୍ଲୀ ଖାଁ, ସେକ ସଫିଉଦ୍ଦିନ, ସେକ ମୁସ୍ତାକ ଅଲ୍ଲୀ, ଫିରୋଜ ଖାଁ, ଜମସେର ଅଲ୍ଲୀ, ସେକ ହାପିଜୁଲ୍ଲା, ସେକ ଜାକିର ହୁସେନ, ସେକ ମଇଉଦ୍ଦିନ, ସେକ ସୁଜାତ ଅଲ୍ଲୀ, ସେକ ଇସ୍ମାଇଲ, ସେକ ଇମଦାଦ, ସେକ ମତଲୁବ ଅଲ୍ଲୀ, ମିର୍ଜା ଇସ୍ମାଇଲ ବେଗ, ସେକ ତଫିରୁଦ୍ଦିନ ଖାଁ, କେ କେ ବାବୁ ପ୍ରମୁଖ ଦାବି କରିବା ସହିତ ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ ଓ ବିଧାୟକ ସଂଖ୍ୟାଲଘୁ ମୁସଲମାନ ଭାଇମାନଙ୍କ ଅନୁରୋଧ ରକ୍ଷା କରି ମାନ୍ୟ ଗଣ୍ୟ ବ୍ୟକ୍ତି ଓ ନେତୃବୃନ୍ଦଙ୍କ ସହିତ ମସଜିଦ ପରିଦର୍ଶନ କରିଥିଲେ ଓ ସେଠାରେ ଉପସ୍ଥିତ ଅଧ୍ୟାପକ ସେକ ଫାରୁକ ଅଲ୍ଲୀ, ସେକ ବାଦଶାହା, ସେକ ଜାକରିଆ ଅହମଦ, ସେକ ସମସେର ଖାଁ, ସେକ ରଫିକ ଅଲ୍ଲୀ, ସେକ ମାଜିଦ, ସମୀରୁଦ୍ଦିନ ଖାଁ, ସେକ ସରାତୁଲ୍ଲା ପ୍ରମୁଖ ଶତାଧିକ ମୁସଲମାନମାନେ ମସଜିଦ ଅବସ୍ଥା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ମୁସଲମାନବସ୍ତି ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ଯୋଗ ଦେଇ ପରସ୍ପରକୁ ଇଦ ଶୁଭେଚ୍ଛା ଜଣାଇଥିଲେ ଓ କେନ୍ଦ୍ରାପଡ଼ା ବିଜେଡି ସାଂସଦ ପ୍ରାର୍ଥୀ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି କାର୍ଯ୍ୟବ୍ୟସ୍ତତା ଯୋଗୁଁ ଇଦ ଉତ୍ସବରେ ଯୋଗ ଦେଇ ପାରିନଥିଲେ ମଧ୍ୟ ତାଙ୍କ ପ୍ରତିନିଧି ପଠାଇ ମୁସଲମାନ ଭାଇ ଭଉଣୀ ମାନଙ୍କୁ ଇଦ ଶୁଭେଚ୍ଛା ଜଣାଇଥିଲେ ଓ ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତି କାର୍ଯ୍ୟକ୍ରମ ପରେ ବିଧାୟକ ଶ୍ରୀ ସାହୁ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନଜରିଆ ମୁସଲମାନ ବସ୍ତିକୁ ଯାଇ ମୁସଲମାନ ଭାଇ ଭଉଣୀମାନଙ୍କୁ ପବିତ୍ର ଇଦ ଅବସରରେ ଶୁଭେଚ୍ଛା ଜ୍ଞାପନ କରିବା ସହିତ ସୁଖ ସମୃଦ୍ଧି କାମନା କରିଥିଲେ।

# ହାତୀ ଆକ୍ରମଣରେ ଜଣେ ମୃତ



**ହିନ୍ଦୋଳ,୧୧।୪(ସମିସ):** ଢେଙ୍କାନାଳ ଜିଲ୍ଲାରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଖବରରୁ ପ୍ରକାଶ ଯେ, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ହିନ୍ଦୋଳ ଥାନା ଅନ୍ତର୍ଗତ କଂସରା ପଞ୍ଚାୟତ ଆମ୍ବିଠି ଗ୍ରାମର ପ୍ରସନ୍ନ ବେହେରା ଶୌଚ ହେବାକୁ ଯାଇଥିବା ବେଳେ ଜଙ୍ଗଲୀ ହାତୀ ହଠାତ ଆସି ଆକ୍ରମଣ କରି ଟେକି କଚାଡ଼ି ଦେଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ପ୍ରସନ୍ନଙ୍କୁ ହିନ୍ଦୋଳ ଡାକ୍ତରଖାନା ଅଣାଯାଇଥିଲା, ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରଥିଲେ। ଖବର ପାଇ ହିନ୍ଦୋଳ ବନ ବିଭାଗ କର୍ମଚାରୀ ଓ ଅଧିକାରୀ ହିନ୍ଦୋଳ ଡାକ୍ତରଖାନା ଆସି ଆବଶ୍ୟକ କ୍ଷତିପୂରଣର ପ୍ରତିଶ୍ରୁତି ଦେଇଥିଲେ ଏବଂ ହିନ୍ଦୋଳ ଥାନା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ମାମଲା ରୁଜୁ କରିଛନ୍ତି।

# ଅବସରପ୍ରାପ୍ତ ପୁଲିସ୍ ଅଧିକାରୀଙ୍କ ଅଧିବେଶନ



**ଢେଙ୍କାନାଳ, ୧୧।୪ (ସମିସ) :** ସ୍ଥାନୀୟ ଶ୍ୟାମାଚରଣପୁର ଠାରେ ଥିବା ସ୍ୱେଚ୍ଛାସେବୀ ସଂଗଠନ ସଭାଗୃହରେ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ଢେଙ୍କାନାଳ ଶାଖାର ୩ୟ ଅଧିବେଶନ ସଭାପତି ଅଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ ପୋଲିସ୍ ଅଧିକାରୀ ତଥା କଲ୍ୟାଣ ସମିତିର ସାଧାରଣ ସମ୍ପାଦକ ବିଜୟ କୃଷ୍ଣ ମହାନ୍ତି, ସଂଗଠନ ସମ୍ପାଦକ ନିଳମୋହନ ତ୍ରିପାଠୀ ଓ ସହ-ସମ୍ପାଦକ ଦେବରାଜ ମଜୁମ୍ଦାର ଯୋଗଦେଇ ବହୁ ମୂଲ୍ୟବାନ ଉଦ୍ଦେଶ୍ୟମାନ ଦେଇଥିଲେ। କେନ୍ଦ୍ରୀୟ ସଂଗଠନ ସବୁ ପ୍ରକାର ସହଯୋଗ କରିବ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍ଗାତା ଓ ଢେଙ୍କାନାଳ ଏସ୍ଡିପିଓ ବିଭୁତି ଭୂଷଣ ମହାପାତ୍ର ଯୋଗଦେଇ ପୁଲିସର ବହୁମୂଲ୍ୟ କର୍ତ୍ତବ୍ୟ ବିଷୟରେ ଧ୍ୟାନ ଆକର୍ଷଣ କରିଥିଲେ। ଉକ୍ତ ସଭାରେ ପ୍ରାୟ ୪୦ଜଣ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିର ଜୋନ୍ସ୍ତରୀୟ ସାଂଗଠନିକ ବୈଠକ ଏବଂ ମିଶ୍ରଣ ପର୍ବ

# ବିଜେପିର ଶତାଧିକ କର୍ମୀ ବିଜେଡିରେ ସାମିଲ

ପାଲଲହଡ଼ା, ୧୧।୪(ସମିସ)



ନିର୍ବାଚନ ତାରିଖ ଯେତିକି ପାଖେଇ ପାଖେଇ ଆସୁଛି, ବିଜୁ ଜନତା ଦଳ ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ପ୍ରଚାର ସେତିକି ଜୋରଦାର ହେଉଛି। ଆଜି ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଖୁଲୁଡ଼ି ଗ୍ରାମ ଆମ୍ବତୋଟା ଠାରେ ୨୩ ନମ୍ବର ଜୋନର ଜୋନସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ

## କେନ୍ଦ୍ରମନ୍ତ୍ରୀ ୧୦ ବର୍ଷରେ କରିଛନ୍ତି କ'ଣ : ମୁକେଶ

ବିଜେଡିର ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଅବିନାଶ ସାମଲ ଏବଂ ପାଲଲହଡ଼ା ବିଧାୟକ ପ୍ରାର୍ଥୀ ମୁକେଶ ପାଲ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥିଭାବେ ଅନୁଗୋଳ ଜିଲ୍ଲା ସହପର୍ଯ୍ୟବେକ୍ଷକ ତଥା ବରିଷ୍ଠ ବିଜେଡି ନେତା କୁନବିହାରୀ ଦାସ ଯୋଗ ଦେଇଥିଲେ।

ପ୍ରଥମେ ସମସ୍ତେ ଖୁଲୁଡ଼ି ଗ୍ରାମରେ ଥିବା ବାବା ଗିରିଶ୍ୱର ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ବୈଠକ ସ୍ଥଳକୁ ଯାଇ ସାଙ୍ଗଠନିକ ବୈଠକରେ ଯୋଗ ଦେଇଥିଲେ। ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଏବଂ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ପାଥେୟ କରି ଚଳିତ ସାଧାରଣ ନିର୍ବାଚନ ବିଜୁ ଜନତା ଦଳ ଲଢ଼ିବ ଏବଂ ଉଭୟ ସାଂସଦ ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟକ ଭୋଟ ବ୍ୟବଧାନରେ ଜିତାଇବା ପାଇଁ ବୈଠକରେ କର୍ମୀମାନେ ସଂକଳ୍ପ ନେଇଥିଲେ। ଏହି ଅବସରରେ ନବୀନ ପଟ୍ଟନାୟକ ଏବଂ ପାଲଲହଡ଼ା ବିଧାୟକଙ୍କ କାର୍ଯ୍ୟଶୈଳୀ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିର ଶତାଧିକ କର୍ମୀ ବିଜେଡିରେ ଯୋଗଦେଇଥିଲେ। ବିଜେପି ପାଲଲହଡ଼ା ମଣ୍ଡଳ ଯୁବ ସମ୍ପାଦକ ଭୁବନ ଭୁକ୍ତା, ସଇଡ଼ା ଗ୍ରାମ ପଞ୍ଚାୟତର ବରିଷ୍ଠ ବିଜେପି ନେତା କିଶୋର ଆପଟ ଓ ଦିଲେଶ୍ୱର ଖମଣିଆ, ପେଚାମୁଣ୍ଡି ଗ୍ରାମପଞ୍ଚାୟତର ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ ପଲେଇ, କିଶୋରୀ ରାଉତ ପ୍ରଭୃତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ନୂତନ ଭାବେ ଯୋଗଦେଇଥିବା କର୍ମୀମାନଙ୍କୁ ସାଂସଦ ପ୍ରାର୍ଥୀ ଡାଃ ଅବିନାଶ ସାମଲ ଏବଂ ବିଧାୟକ ପ୍ରାର୍ଥୀ ମୁକେଶ ପାଲ ପୁଷ୍ପଗୁଚ୍ଛ ଏବଂ ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ବିଜେଡି ସଦାସର୍ବଦା ଜନସାଧାରଣଙ୍କ ସହିତ ଅଛି ଏବଂ ଆଗକୁ ମଧ୍ୟ ରହିବ, କିନ୍ତୁ ବିରୋଧୀ ବିଜେପି କେବଳ ନିର୍ବାଚନ ହେଲେ ଭୋଟ ମାଗିବାକୁ ଆସେ। ଆମ ଅଞ୍ଚଳର ନେତା କେନ୍ଦ୍ରରେ ୧୦ ବର୍ଷ ଧରି ମନ୍ତ୍ରୀ ଅଛନ୍ତି, କିନ୍ତୁ ପାଲଲହଡ଼ା ପାଇଁ କରିଛନ୍ତି କ'ଣ, ସେଥିପାଇଁ ନିଜ ଅଞ୍ଚଳବାସୀଙ୍କ ଉପରେ ଭରସା କରି ନପାରି ଅନ୍ୟ ଅଞ୍ଚଳକୁ ନିର୍ବାଚନ ଲଢ଼ିବାକୁ ଯାଇଛନ୍ତି ବୋଲି ବିଧାୟକ ମୁକେଶ ପାଲ ପ୍ରକାଶ କରିଥିଲେ। ଆଗାମୀ ନିର୍ବାଚନରେ ବିଜେଡି କିଭଳି ଭାବେ ସଂଗଠିତ ହୋଇ ନିର୍ବାଚନ ଲଢ଼ି ଅଧିକରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେବ, ତାହାକୁ ନେଇ ଉପସ୍ଥିତ ବରିଷ୍ଠ କାର୍ଯ୍ୟକର୍ତ୍ତା କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକଙ୍କ ସମେତ ଜିଲ୍ଲା ପରିଷଦ ସଦସ୍ୟ ସାବିତ୍ରୀ ମାଝୀ, ପାଲଲହଡ଼ା ବ୍ଲକର ବିଜେଡି ସଭାପତି ଗଙ୍ଗାଧର ଜିତ, ବରିଷ୍ଠ ନେତା ହେମନ୍ତ ଦାସ, ବଙ୍ଗାଳୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ନରେନ୍ଦ୍ର ଭୁକ୍ତା, ଦିବ୍ୟ ଗଡ଼ନାୟକ, ପେଚାମୁଣ୍ଡି ସରପଞ୍ଚ ରମେଶ ପ୍ରଧାନଙ୍କ ସମେତ ଅନେକ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ।

# ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷଙ୍କ ଛେଣ୍ଡିପଦା ଗସ୍ତ



**ଛେଣ୍ଡିପଦା, ୧୧।୪(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଓକିଲ ସଙ୍ଘ କାର୍ଯ୍ୟାଳୟକୁ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଦିନିକିଆ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଓ ଅନୁଗୋଳର ଆଇନଜୀବୀ ସୁଶୀଳ କୁମାର ପ୍ରଧାନ ଗୁରୁବାର ପୂର୍ବାହ୍ନରେ ଛେଣ୍ଡିପଦା ଓକିଲ ସଙ୍ଘ କାର୍ଯ୍ୟାଳୟ ପହଞ୍ଚିଥିଲେ। ଛେଣ୍ଡିପଦା ଓକିଲ ସଙ୍ଘ ସଭାପତି ନଗେନ ନନ୍ଦଙ୍କ ନେତୃତ୍ୱରେ ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀଙ୍କୁ ସ୍ୱାଗତ କରାଯିବା ସହିତ ଛେଣ୍ଡିପଦା ଓକିଲ ସଙ୍ଘର ଥିବା ବିଭିନ୍ନ ସମସ୍ୟା, ରାଜ୍ୟର ସମସ୍ତ ଓକିଲଙ୍କ ସମସ୍ୟା ଓ ସେଗୁଡିକୁ କିପରି ସମାଧାନ କରାଯିବ, ସେ ନେଇ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଛେଣ୍ଡିପଦା ଓକିଲ ସଙ୍ଘର ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନ, ଉପସଭାପତି ପ୍ରଶାନ୍ତ ସାହୁ, ସହସମ୍ପାଦକ ସଞ୍ଜୟ କୁମାର ବେହେରା, ଓକିଲ ଗୋପବନ୍ଧୁ ସାହୁ, ଭୋଳେଶ୍ୱର ବେହେରା, ଅଜୟ କୁମାର ବେହେରା, ଯତୀନ୍ଦ୍ର କୁମାର କର, ମିନତୀ ମହାନ୍ତି, ସରକାରୀ ଓକିଲ ଲକ୍ଷ୍ମୀଧର ପ୍ରଧାନ, ନକୁଳ ମାଝୀ, ପଦ୍ମଚରଣ ମାଝୀ, ଅଲେଖ ଦେହୁରୀ, ଗୋବିନ୍ଦ ଚନ୍ଦ୍ର ସାହୁ, ଶିଶିର କୁମାର ବେହେରା, ବୁଦ୍ଧଦେବ ବେହେରାଙ୍କ ସମେତ ସଙ୍ଘର ସମସ୍ତ ସଦସ୍ୟ ଭାଗ ନେଇଥିଲେ।

# ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ ପାଳିତ

**କଣିହାଁ, ୧୧।୪(ସମିସ):** କଣିହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭା ଗୃହରେ ଗୁରୁବାର ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ, ଡାକ୍ତର ଆଶୁତୋଷ ସ୍ୱାଇଁ, ବିପିଏମ ସରୋଜ କୁମାର ଦାସ, ଭାରପ୍ରାପ୍ତ ପିଏଚଇଓ ମନଜିତ୍ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ସନ୍ତାନ ଜନ୍ମକୁ ନେଇ କିପରି ଉଭୟ ମା' ଓ ଶିଶୁ ସୁରକ୍ଷିତ ରହିପାରିବେ, ତାହାକୁ ନେଇ ଆଲୋକପାତ କରିବା ସହିତ ସରକାରଙ୍କର ବିଧି ମୁତାବକ ସେବା ବ୍ୟବସ୍ଥା ଉପରେ ପରାମର୍ଶ ଦେଇଥିଲେ। ଉପଯୁକ୍ତ ଚିକିତ୍ସା ସଚେତନତା କାର୍ଯ୍ୟକାରୀ ହେଲେ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସପାଇବା ସହିତ ନବଜାତକର ସୁରକ୍ଷା ହୋଇପାରିବ। ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଯତ୍ନବାନ ହୋଇ କାର୍ଯ୍ୟକଲେ ଧାର୍ଯ୍ୟଲକ୍ଷ୍ୟ ପୂରଣ ହେବ ବୋଲି ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନେକ ଗର୍ଭବତୀ ପ୍ରସୂତୀ ମହିଳାଙ୍କ ସହିତ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



# ନୂତନ ମନ୍ଦିର ନିର୍ମାଣର ଶିଳାନ୍ୟାସ



**ଢେଙ୍କାନାଳ, ୧୧।୪ (ସମିସ) :** ଶ୍ରୀ ଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, ମୀନାବାଜରର ମା' ରାଜଲକ୍ଷ୍ମୀ ଓ ଶ୍ରୀ ଦୋଳଗୋବିନ୍ଦ ଜୀଉଙ୍କ ନୂତନ ମନ୍ଦିର ନିର୍ମାଣର ଶିଳାନ୍ୟାସ ପୂଜା ଓ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ନୀତିକାନ୍ତି ମୁଖ୍ୟ ପୂଜକ ନରୋତ୍ତମ ଦାସ ଓ ରବି ନନାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଛି।

ମନ୍ଦିର ନିର୍ମାଣ ଶିଳ୍ପୀ ଶରତ ଚନ୍ଦ୍ର ରାଉତ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନରେ ସହାୟତା ପ୍ରଦାନ କରିଥିଲେ। ନୂତନ ମନ୍ଦିର ନିର୍ମାଣର ଏହି ଶୁଭ ଅବସରରେ ଟ୍ରଷ୍ଟର ଅଧ୍ୟକ୍ଷ ଲଳିତ କୁମାର ପଟ୍ଟନାୟକ, ପୂଜା କମିଟି ସଭାପତି ରବି ନାରାୟଣ ମହାନ୍ତି, ଟ୍ରଷ୍ଟ ଉପାଧ୍ୟକ୍ଷ ବିରଞ୍ଚି ନାରାୟଣ ସାହୁ, ଟ୍ରଷ୍ଟ ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା, ପୂଜା କମିଟି କାର୍ଯ୍ୟକାରୀ ସଭାପତି ନିରୋଦ କୁମାର ସାହୁ, ସମ୍ପାଦକ ପୀତବାସ ସାହୁ, ଟ୍ରଷ୍ଟ ଟ୍ରେଜରର ଲୋକନାଥ ମହାପାତ୍ରଙ୍କ ସମେତ ଟ୍ରଷ୍ଟ ଓ ପୂଜା କମିଟିର କର୍ମକର୍ତ୍ତା ଦିଲ୍ଲୀପ କୁମାର ସାହୁ, ରବିନାରାୟଣ ପଟ୍ଟନାୟକ, ନରେନ୍ଦ୍ର କୁମାର ସାହୁ, ଦୟାନିଧି ବେହେରା, ପ୍ରଦୀପ କୁମାର ସାହୁ, ସୁଧାଂଶୁ କୁମାର ସାହୁ, ପ୍ରଫୁଲ୍ଲ କୁମାର ସାହୁ, କୃଷ୍ଣଚନ୍ଦ୍ର ଦେବତା, ରାଜେନ୍ଦ୍ର ହିନ୍ଦୁଚା, ଧନେଶ୍ୱର ମହାପାତ୍ର, ଶ୍ରୀକାନ୍ତ କୁମାର ମହାପାତ୍ର, ପ୍ରଭାତ କୁମାର ଦଳେଇ, ସୁବ୍ରତ କୁମାର ସାହୁ, କେଶବ ରାଓ ଓ ଅନ୍ୟ ସଭ୍ୟ ପ୍ରମୁଖ ଉପସ୍ଥିତ ରହି ଏହି ଶୁଭକାର୍ଯ୍ୟ ତଦାରଖ କରିଥିଲେ।

## ରଗଦା ଡ୍ୟାମ୍ ନବୀକରଣ, ପୁନରୁଦ୍ଧାର ଓ ମରାମତି କାର୍ଯ୍ୟ ତ୍ୱରାନ୍ୱିତ

# ଗ୍ରୀଷ୍ମଋତୁରେ ପାଣିରୁ ବଞ୍ଚିତହେବେ ଚାଷୀ

ଢେଙ୍କାନାଳ, ୧୧।୪ (ସମିସ)



ପାହାଡ଼ର ପାଦଦେଶରୁ ଖୋଳା ହୋଇଥିବା ମାଟି ବର୍ଷାରେ ଡ୍ୟାମର ମଧ୍ୟଭାଗକୁ ପୋତି ବର୍ଷାଦିନେ ସମସ୍ୟା ସୃଷ୍ଟି କରିବ।

ଯାଜପୁର ଏବଂ ଢେଙ୍କାନାଳ ଜିଲ୍ଲାର ସୀମାନ୍ତ ଅଞ୍ଚଳର ଦୁଇ ପାହାଡ଼କୁ ସଂଯୋଗ କରି ୧୯୭୧/ ୭୨ ମସିହାରେ ରଗଦା ଡ୍ୟାମ୍ ନିର୍ମାଣ କରାଯାଇଥିଲା। ଦୁଇ ଜିଲ୍ଲାକୁ ସଂଯୋଗ କରୁଥିବା ପଶ୍ଚିମ ପଟ ଅର୍ଥାତ ମରୁଆବିଲି ଗ୍ରାମ ପଞ୍ଚାୟତ ଏବଂ ପୂର୍ବ ପାର୍ଶ୍ୱ ଯାଜପୁର ଜିଲ୍ଲା ଚିଙ୍ଗୁଡ଼ିପାଳ ଗ୍ରାମ ପଞ୍ଚାୟତର ହଜାର ହଜାର କ୍ଷୁଦ୍ର ଚାଷୀ ଉକ୍ତ ଡ୍ୟାମରୁ ନିର୍ମିତ ଦୁଇଟି କେନାଲ ଯୋଗେ ଆସୁଥିବା ପାଣିରୁ ଚାଷ ଜମିରେ ଜଳସେଚନ କରିଥାନ୍ତି। ତେବେ ଏହି ଡ୍ୟାମଟି ଯେହେତୁ ଦୁଇ ପାହାଡ଼କୁ ସଂଯୋଗ କରି ନିର୍ମାଣ କରାଯାଇଛି ଏବଂ ଏହାର ଉପର ମୁଣ୍ଡରେ ବିଶାଳ ପର୍ବତମାଳା ଓ ବଣ ଜଙ୍ଗଲ ଭରି ରହିଛି, କାଳକ୍ରମେ ବର୍ଷା ଜଳରେ ବଣ ଜଙ୍ଗଲ ତଥା ପାହାଡ଼ ଉପରୁ ମାଟି କାଦୁଅ ଏବଂ ଗୋଡ଼ିମାଟି ବୋହିଆସି ପୋତିହୋଇ ଯିବାରେ ଲାଗିଛି। ଯାହା ଫଳରେ ଏହି ଡ୍ୟାମର ଜଳ ଧାରଣ କ୍ଷମତା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏହି କାରଣ ଯୋଗୁଁ ଉକ୍ତ ଡ୍ୟାମରୁ ନିର୍ଗତ ଦୁଇଟି ଜାକ କେନାଲରେ ଆବଶ୍ୟକ ଠାରୁ କମ ଜଳ ପ୍ରବାହିତ ହେଉଛି। ଯାହାକି ଉକ୍ତ କେନାଲ ଜଳ ଉପରେ ନିର୍ଭର କରି ରହୁଥିବା ଚାଷ ଜମିକୁ ଆବଶ୍ୟକ ମୁତାବକ ଜଳ ପହଞ୍ଚି ପାରୁନାହିଁ। ଏହି ସମସ୍ୟାକୁ ନେଇ ଉଭୟ ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧିମାନେ ବାରମ୍ବାର ଖବର ପ୍ରସାରଣ ମଧ୍ୟ କରି ଆସିଛନ୍ତି। ଏତଦ୍ ବ୍ୟତୀତ ସୁକିନ୍ଦା ବିଧାନସଭା ମଣ୍ଡଳୀର ବିଧାୟକ ତଥା ରାଜ୍ୟ ସରକାରଙ୍କ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡେଇ ଉକ୍ତ ରଗଦା ଡ୍ୟାମର ଜଳଧାରଣ କ୍ଷମତାକୁ ବୃଦ୍ଧି କରାଯାଇ ଚାଷୀମାନଙ୍କୁ ଚାଷ କାର୍ଯ୍ୟ କରିବା ନିମନ୍ତେ ଆବଶ୍ୟକ ମୁତାବକ ବ୍ୟବସ୍ଥା କରିବା ପାଇଁ ପ୍ରୟାସ କରିଥିଲେ। ଏଥି ସହିତ ରଗଦା ଡ୍ୟାମକୁ ଏକ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ପାଇଁ ଆଗେଇ ଆସିଥିଲେ। ଏସମ୍ବନ୍ଧରେ ଉଭୟ ଜିଲ୍ଲର ବ୍ଲକସ୍ତରୀୟ ନେତୃମଣ୍ଡଳୀ ଅନେକ ଥର ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ କରିଥିଲେ। ତେବେ ଏହାର ସୁପରିଣତି ଚଳିତ ବର୍ଷ ଦେଖିବାକୁ ମିଳିଛି। ଗତ ଦୁଇ ସପ୍ତାହ ପୂର୍ବେ ଏହି ଡ୍ୟାମର ନବୀକରଣ ଅର୍ଥାତ ଜଳଧାରଣ କ୍ଷମତା ବୃଦ୍ଧି, ପୁନଃରୁଦ୍ଧାର ଓ ମରାମତି କାର୍ଯ୍ୟ ଖୁବ୍ ଜୋରସୋରରେ ଚାଲୁରହିଛି। ଏହା ଅଧିକ୍ଷକ ଯନ୍ତ୍ରୀ, ଜଳସେଚନ ବିଭାଗ ଢେଙ୍କାନାଳଙ୍କ ତତ୍ତ୍ୱାବଧାନରେ ଚାଲିଥିବା ବେଳେ ଏହାର ଅଟକଳ ମୂଲ୍ୟ ଟ ୪, ୧୧, ୫୮, ୨୨୮.୦୦(ଚାରି କୋଟି ଏଗାର ଲକ୍ଷ ଅଠାବନ ହଜାର ଦୁଇ ଶହ ଅଠେଇଶ ) ରଖାଯାଇଛି। ବର୍ତ୍ତମାନ ଏହା ପଶ୍ଚିମ ପଟ ଅର୍ଥାତ ହାତୀସିଙ୍ଗିଡା ପାହାଡ଼କୁ ଲାଗିଥିବା ଜଳଧାରା କଡେ କଡେ ପଙ୍କ ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଡାହାଣ ପାର୍ଶ୍ୱ ରଗଦା ପାହାଡ଼ ପାର୍ଶ୍ୱ ଆଡକୁ ଅର୍ଥାତ ଚିଙ୍ଗୁଡ଼ିପାଳ ଗ୍ରାମ ପଞ୍ଚାୟତ ପଟକୁ ଥିବା ଅଞ୍ଚଳକୁ ଏହାପରେ ପଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବାକୁ ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। କିନ୍ତୁ ମୁଖ୍ୟ ସମସ୍ୟା ହେଉଛି ପଙ୍କ ଉଦ୍ଧାର ବା ଡ୍ୟାମର ନବୀକରଣ କରା ନଯାଇ ପାହାଡର ପାଦଦେଶରେ ରହିଥିବା ମଜବୁତ ସମତଳ ଅଞ୍ଚଳକୁ ମାଟି ଖୋଳା କାର୍ଯ୍ୟ ଚାଲୁରହିଛି। ଯାହାକି ବର୍ଷାଦିନେ ନିଶ୍ଚିତଭାବେ ଜଳଧାରଣ କ୍ଷମତା ବୃଦ୍ଧି ହୋଇପାରେ କିନ୍ତୁ ଅସଲ ସମସ୍ୟା ହେଉଛି ଯେ, ଏହାର ଗର୍ଭସ୍ଥଳ ଅର୍ଥାତ ଡ୍ୟାମର ମଧ୍ୟ ଭାଗରେ ପୋତିହୋଇ ରହିଥିବା ପଙ୍କ ମାଟିକୁ ଯଦି ସେଠାରୁ ବାହାର କରା ନଯାଏ, ତେବେ ଏବେ ଯେଉଁ ସମସ୍ୟା ରହିଛି ତାହା ଦ୍ୱିଗୁଣିତ ହୋଇଯିବ ନିଶ୍ଚିତ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। କାରଣ ପଙ୍କ ଉଦ୍ଧାର କାର୍ଯ୍ୟ ବାହାନାରେ ପାହାଡର ପାଦଦେଶରୁ ଖୋଳା ହୋଇ ରହିଥିବା ମାଟି ବର୍ଷା ଜଳରେ ନିଶ୍ଚିତଭାବେ ଡ୍ୟାମର ମଧ୍ୟଭାଗକୁ ମାଡି ଆସିବ ଏବଂ ଏହାର ଗଭୀରତମ ଅଞ୍ଚଳକୁ ପୋତି ପକେଇବ। ପରିଣାମ ସ୍ୱରୂପ ବର୍ଷା ଦିନେ ତ ଭରପୂର ପାଣି ରହିବ କିନ୍ତୁ ଖରାଦିନେ ଏଥିରେ ଆଉ ପାଣି ସେତେ ରହିବ ନାହିଁ ଯାହା କି ଏବେ ରହିଛି। ତେଣୁ ଏଥିରେ ପ୍ରଭାବିତ ଚାଷୀ ଖରାଦିନେ ଆଦୌ ପାଣି ପାଇପାରିବେ ନାହିଁ ବୋଲି ଏଠାରେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ବିଭିନ୍ନ ସ୍ଥାନରେ ଇଦ୍-ଉଲ୍-ଫିତର ପର୍ବ ପାଳିତ

**ଯାଜପୁର, ୧୧।୪ (ସମିସ):** ଯାଜପୁର ସହରରେ ମୁସଲମାନ ସମ୍ପ୍ରଦାୟର ପବିତ୍ର ଇଦ-ଉଲ୍-ଫିତର ପର୍ବ ପାଳିତ ହୋଇଯାଇଛି। ସକାଳୁ ଆଖପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟକ ମୁସଲିମ ଭାଇମାନେ ସ୍ଥାନୀୟ ସାହି ମସ୍ଜିଦରେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ। ମୌଲାନା ଅଜଗର୍ ରଜାଉଲ କାଦ୍ରୀ ଶ୍ରଦ୍ଧାଳୁଙ୍କୁ ନମାଜ ପାଠ କରାଇଥିଲେ। ଆଜି ପୂର୍ବାହ୍ନ ୯.୧୫ମିନିଟ୍ ସମୟରେ ଯାଜପୁରର ଜୁମା ମସ୍ଜିଦରେ ସମୂହ ନମାଜ ପାଠ କରାଯାଇଥିବାବେଳେ ମୁସଲମାନ ଭାଇମାନେ ପରସ୍ପର ମଧ୍ୟରେ ଶୁଭେଚ୍ଛା ଜ୍ଞାପନ କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସେହିପରି କଚେରୀ ଛକ, ରେଡ୍କ୍ରସ ଛକ, ତାରାମଦନ, ଆଙ୍କୁଲା, ଅଡଙ୍ଗ ପୁରୁଷୋତ୍ତମପୁର ଓ କୋଦଣ୍ଡପୁର ଆଦି ସ୍ଥାନରେ ଥିବା ମସ୍ଜିଦ୍ରେ ଇଦ୍-ଉଲ୍-ଫିତର ନମାଜ ପାଠ କରାଯାଇଥିଲା। ମୁସଲମାନ ସାହିର ସେକ୍ ଅବଦୁଲ ସାଜିଦ୍(ଚାନ୍ଦ), ସେକ୍ ହାଇଦର ଅଲ୍ଲୀ, ସେକ୍ ମୁର୍ତାଜା, ସେକ୍ ସାହାବୁଦ୍ଦିନ୍, ଇମ୍ତିଆଜ ଖାଁ, ସେକ୍ ରମ୍ଜାନି, ଜିଆଉଦ୍ଦିନ୍ ଖାଁ, ସେକ୍ କାସିଦ୍, ଗୁଫରାନ୍ ଖାଁ, ସୋଭାନ୍ ଅଲ୍ଲୀ ଖାଁ, ଅମଜଦ ଖାଁ, ଦିଲବର ଖାଁ, ମନଜର ଖାଁ, ଅନୱର ଖାଁ, ସେକ୍ ଅମଜାଦ୍, ଜାହିଦ ଖାଁ, ଜାହେର ଖାଁ, ସେହଜାଦ୍ ଖାଁ, ସାବାଜ୍ ଖାଁ, ସାଲାଉଦ୍ଦିନ୍ ଖାଁ, ସନୱର ଖାଁ, ମନୱର ଖାଁ, ଅନୱର ଖାଁ, ଅବଦୁଲ ସଲିମ୍ ଖାଁ, ଅବଦୁଲ ଆଲିମ ଖାଁ, ଅବଦୁଲ ହକିମ୍ ଖାଁ, ସେକ ବସିର, ସେକ୍ ଅମଜଦ୍, ସେକ୍ ତସିଫ୍, ସେକ୍ ସୁରଜ, ସେକ୍ ହବିବ୍, ସେକ୍ ମୁସ୍ତାକ, ସେକ୍ ସେରୁ, ସେକ୍ କୟୁମ ପ୍ରମୁଖ ଏହି ନମାଜ ପାଠରେ ସାମିଲ ଥିଲେ।

**ପ୍ରୀତିପୁର:** ସଂଖ୍ୟାଲଘୁ ସମ୍ପ୍ରଦାୟର ପବିତ୍ର ଇଦ୍ ପର୍ବ ଆଜି ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଛି। ସକାଳୁ ବିଞ୍ଝାରପୁର ବ୍ଲକର ବିଞ୍ଝାରପୁର, ସୟଦପୁର, ଅଳକୁଣ୍ଡ, ଶାସନା ଆଦି ଅଞ୍ଚଳରେ ହଜାର ହଜାର ସଂଖ୍ୟାଲଘୁ ମିଳିତ ନମାଜ ପାଠ କରି ଆଲ୍ଲାଙ୍କ ନିକଟରେ ସମୂହ ମଙ୍ଗଳ ପାଇଁ ପ୍ରାର୍ଥନା କରିଥିଲେ। ଏ ଅବସରରେ ବିଞ୍ଝାରପୁର ଅଞ୍ଚଳର ବହୁ ରାଜନେତା, ସମାଜସେବୀ ନମାଜ ପଠନ ସ୍ଥଳକୁ ଯାଇ ସଂଖ୍ୟାଲଘୁ ଭାଇଙ୍କୁ ଭେଟି ସେମାନଙ୍କୁ ଇଦ୍ ମୁବାରକ୍ ଜଣାଇଥିଲେ। ବିଞ୍ଝାରପୁର ବିଧାୟିକା ତଥା ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ବଡମସଜିଦ, ଇଦଘା ପଡ଼ିଆ, ଶାସନା, ଅଳକୁଣ୍ଡ ଆଦି ସ୍ଥାନକୁ ଯାଇ ସଂଖ୍ୟାଲଘୁ ଭାଇଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, କୈଳାସ ସେଠୀ, ଅହଲ୍ୟା ସ୍ୱାଇଁ, ଆଶାଲତା ସାହୁ, ଅଶୋକ ସାହୁ, ସୁଖରଞ୍ଜନ ପରିଡ଼ା, ବିଜେପି ନେତ୍ରୀ ବବିତା ମଲ୍ଲିକ, କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ ପ୍ରମୁଖ ମଧ୍ୟ ସମସ୍ତଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ।

